# ବନ୍ଦ ରହିଛି ବିରଜା ମନ୍ଦିରର ବିକାଶ କାର୍ଯ୍ୟ

- ପିଣ୍ଡି ନିର୍ମାଣ ସରିଛି, ମା' ବିରଜାଙ୍କ ପିତ୍ତଳ ମୂର୍ତ୍ତି ଦେଖାନାହିଁ
- ସମସ୍ୟାରେ ପଡୁଛନ୍ତି ପର୍ଯ୍ୟଟକ

ଯାଜପୁର,୬।୧ (ହର୍ଷବର୍ଦ୍ଧନ ବେହେରା)


ଅଧାପନ୍ତରିଆ ଭାବେ ପଡିରହିଥିବା ଯାଜପୁର ମନ୍ଦିର ବିକାଶ ପ୍ରକଳ୍ପ କାର୍ଯ୍ୟ ।

ଏବେ ଚାଲିଛି ପର୍ଯ୍ୟଟନ ଋତୁ। ପ୍ରାକୃତିକ, ଐତିହାସିକ, ସାଂସ୍କୃତିକ ଓ ଧାର୍ମିକ କିମ୍ବଦନ୍ତୀ ବହନ କରୁଥିବା ଯାଜପୁର ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ପର୍ଯ୍ୟଟକଙ୍କ ଆଗମନ ଜୋର ଧରିଛି। ହେଲେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜା ମନ୍ଦିରର ବିକାଶ ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ବିପୁଳ କୋଟି ଟଙ୍କାର ଏକାଧିକ ପ୍ରକଳ୍ପ ୭ରୁ ୮ ମାସ ହେବ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଫଳରେ ଏହି ମନ୍ଦିର ଦର୍ଶନାର୍ଥେ ଆସୁଥିବା ପର୍ଯ୍ୟଟକମାନେ ନାହିଁ ନ ଥିବା ସମସ୍ୟା ଭୋଗୁଥିବା ମତପ୍ରକାଶ ପାଇଛି।

ବୈତରଣୀ କୂଳର ପ୍ରାଚୀନ ନଗରୀ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ବିରଜା। ତେବେ ବିରଜା ମନ୍ଦିରର ବିକାଶ କାର୍ଯ୍ୟରେ ଜମି ଅଧିଗ୍ରହଣ ବାଧକ ସାଜିଛି। ପ୍ରାୟ ୮ ବର୍ଷ ହେବ ମନ୍ଦିରର ଉନ୍ନୟନ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଜିଲା ପ୍ରଶାସନର ଆନ୍ତରିକତା ଅଭାବ ଯୋଗୁ କାର୍ଯ୍ୟ ମନ୍ଥର ହୋଇ ଶେଷ ହେବାର ନାଁ ଧରୁନାହିଁ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିରଜା ମନ୍ଦିରର ବିକାଶ ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି ଘୋଷଣା କରିଥିଲେ ହେଁ ୧୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ କାର୍ଯ୍ୟ ବନ୍ଦ ପଡ଼ିଛି। ମନ୍ଦିରର ବାହାର ପାର୍ଶ୍ୱ କାର୍ଯ୍ୟ, ଓସାରିଆ ରାସ୍ତା, ମାର୍କେଟ କମ୍ପ୍ଲେକ୍ସ, ପାର୍କିଂ, ପାଚେରି, ଜମି ଉନ୍ନୟନ, ଗାର୍ଡେନ, ପାଥୱେ, ଶୌଚାଳୟ, ବିରଜାଙ୍କ ପିତ୍ତଳ ମୂର୍ତ୍ତି ସ୍ଥାପନ ଇତ୍ୟାଦି କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି। ମା' ବିରଜାଙ୍କ ପିତ୍ତଳ ମୂର୍ତ୍ତି ସ୍ଥାପନ ପାଇଁ ପିଣ୍ଡି ନିର୍ମାଣ ସରିଛି। କିନ୍ତୁ ସେଠାରେ ମୂର୍ତ୍ତି ସ୍ଥାପନ ଶେଷ ହୋଇପାରୁନାହିଁ। କେତେକାଂଶରେ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ବିରୋଧ କାରଣରୁ ବିରଜା ମନ୍ଦିରର ବାହାର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଅଟକି ରହିଛି ବୋଲି ସେବାୟତମାନେ ପ୍ରକାଶ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ, ଯାଜପୁର ତହସିଲ ଅଧୀନ ୟୁନିଟ-୧୫ର ନାଭିଗୟା, ୟୁନିଟ-୧୪ର ବିରଜା କ୍ଷେତ୍ର ଓ ୟୁନିଟ-୫ର କୃଷ୍ଣପ୍ରସାଦ ନଗର ମୌଜାରେ ୨.୭୮୫୬ ଏକର ପରିସୀମାରେ ଘରୋଇ ଜମିରେ ମା' ବିରଜାଙ୍କ ମନ୍ଦିର ଚର୍ତୁଃପାର୍ଶ୍ୱ ଉନ୍ନତୀକରଣ ପ୍ରସ୍ତାବ ରହିଛି। ଏଥିପାଇଁ ଗତ ପ୍ରାୟ ୧ ବର୍ଷ ହେବ ନୋଟିସ ଜାରି କରାଯାଇଛି। କିନ୍ତୁ କାହିଁକି ପ୍ରଶାସନ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ସେବାୟତ ମହଲରେ ପ୍ରଶ୍ନ ଉଠିଛି। ଏହାବାଦ ମନ୍ଦିରର ଭିତର ପାର୍ଶ୍ୱ କାର୍ଯ୍ୟର ୩ୟ ଟେଣ୍ଡର ଆହ୍ୱାନ କରାଯାଇଥିଲେ ହେଁ ତାହା ମଧ୍ୟ କଚ୍ଛପ ଗତିରେ ଚାଲିଥିବା ଚର୍ଚ୍ଚା ହେଉଛି। ବିରଜା ମନ୍ଦିରର ମୁକ୍ତି ମଣ୍ଡପ ସେବାୟତ ପରିଷଦର ସଭାପତି ଦେବୀପ୍ରସାଦ ପାଣି କୁହନ୍ତି, ଉପଜିଲାପାଳ ତଥା ମନ୍ଦିରର ପ୍ରଶାସନିକ ଅଧିକାରୀ ୧ ବର୍ଷ ହେବ ଦାୟିତ୍ୱ ଗ୍ରହଣ କରି ସାରିଛନ୍ତି। କିନ୍ତୁ ବିରଜା ମନ୍ଦିରର ବିକାଶ ପ୍ରତି କୌଣସି ଆନ୍ତରିକତା ନ ଥିବା ମନେହେଉଛି। ସେ କେବେ ମନ୍ଦିର ମଧ୍ୟ ଆସୁନାହାନ୍ତି। ପ୍ରଶାସନିକ ଅଧିକାରୀଙ୍କ ଏଭଳି ଅବହେଳା ମନ୍ଦିରର ବିକାଶ କାର୍ଯ୍ୟରେ ପ୍ରତିବନ୍ଧକ ସାଜିଛି ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଉପଜିଲାପାଳ ତଥା ବିରଜା ମନ୍ଦିର ପ୍ରଶାସନିକ ଅଧିକାରୀ ଅଂଶୁମାନ ଶତପଥୀଙ୍କୁ ପଚାରିବାରେ ସେ କହିଛନ୍ତି, ନିକଟରେ ସେ ମନ୍ଦିର ପରିସରକୁ ଯାଇଥିଲେ। କାମ ଚାଲିଛି ଏବଂ ଏଥିପ୍ରତି ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି।

# ଚାଷୀ ବଜାରରୁ ଚିନାବାଦାମ ବିହନ ୧୨୦ ଟଙ୍କାରେ କିଣି ବୁଣିଲେ

- ସ୍ଥିତିବାନ ଜମିଥିବା ଚାଷୀଙ୍କୁ ମିଳିବ ବାଦାମ ବିହନ
- ୨୦ ହେକ୍ଟର ଚାଷ ଜମି ଲାଗି ୩୦ କୁଇଣ୍ଟାଲ ବିହନ ପହଞ୍ଚିଛି

ମହାକାଳପଡ଼ା, ୬।୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)


ବିବି କଲୋନୀ ଚାଷ ଜମିରେ ଚାଷୀ ଚିନା ବାଦାମ ବିହନ ବୁଣୁଛନ୍ତି।

ଗ୍ରାମାଞ୍ଚଳରେ ତୃଣମୂଳସ୍ତରରେ ଚାଷୀମାନଙ୍କ ବିକାଶ ପାଇଁ ସରକାର ବିପୁଳ ପରିମାଣରେ ଅର୍ଥ ବ୍ୟୟକରି ଚାଲିଛନ୍ତି। ମାତ୍ର କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳର ଚାଷୀମାନଙ୍କୁ ରିହାତି ଦରରେ ଚିନାବାଦାମ, ଆଳୁ ବିହନ, କୃଷି ଯନ୍ତ୍ରପାତି, ସାର, ଔଷଧ ଆଦି ସାମଗ୍ରୀ ମିଳୁନାହିଁ ବୋଲି ଅଭିଯୋଗ ହେଉଛି। ଏବେ ଚାଷୀମାନଙ୍କୁ ଚିନାବାଦାମ, ଆଳୁ ବିହନ କୃଷି ବିଭାଗ ପକ୍ଷରୁ ରିହାତି ଦରରେ ଯୋଗାଇ ଦେବାକୁ ସରକାରଙ୍କ ପକ୍ଷରୁ କୁହାଯାଇଛି। ହେଲେ ବ୍ଲକ କୃଷି ବିଭାଗର ଆନ୍ତରିକତା ଅଭାବ ଯୋଗୁ ଚାଷୀଙ୍କୁ ଚିନାବାଦାମ ବିହନ ଯୋଗାଣରୁ ବଞ୍ଚିତ କରାଯାଇଛି। କେବଳ ସ୍ଥିତିବାନ ଜମିଥିବା ଚାଷୀଙ୍କୁ ବାଦାମ ବିହନ ମିଳିବ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି। ବ୍ଲକର ୨୦ ହେକ୍ଟର ଚାଷ ଜମି ପାଇଁ ୩୦ କୁଇଣ୍ଟାଲ ଚିନାବାଦାମ ବିହନ ପହଞ୍ଚିଥିବା କୃଷି ବିଭାଗ ପକ୍ଷରୁ କୁହାଯାଇଛି। ଫଳରେ ଚିନାବାଦାମ ବିହନ ନ ପାଇ ଚାଷୀ ଖୋଲା ବଜାରରୁ କିଲୋ ପ୍ରତି ୧୨୦ ଟଙ୍କା ଦେଇ କିଣି ଚାଷ ଜମିରେ ବୁଣୁଥିବା ଦେଖିବାକୁ ମିଳିଛି।

ବ୍ଲକର ପେଟଛଲା ପଞ୍ଚାୟତର ବିବି କଲୋନୀ ଗ୍ରାମର ଚାଷୀ ସୁଧୀର ଦେବନାଥ, ସୁମଙ୍ଗଳ ଦେବନାଥ, ମଧୁ ଦେବନାଥ, ହାରାଧାନ ଦେବନାଥ, ସୁଶୀଲ ଦେବନାଥ, ବୁଦ୍ଧ ଦେବନାଥ, ମଧୁ ଦେବନାଥ, ଭଗବାନ ଦେବନାଥ ପ୍ରମୁଖ କହିଛନ୍ତି, ୨୫ ଏକର ଜମିରେ ୪୦ଜଣ ଚାଷୀ ବାଦାମ ଚାଷ କରିଛୁ। କୃଷି ବିଭାଗ ପକ୍ଷରୁ ବାଦାମ ବିହନ ନ ମିଳିବାରୁ ବାଧ୍ୟ ହୋଇ ବଜାରରୁ କିଗ୍ରା ପ୍ରତି ୧୨୦ଟଙ୍କାରେ ବିହନ କିଣି ଜମିରେ ବୁଣାବୁଣି କରିଛୁ। ବୁଦ୍ଧିଜୀବୀ ବିରଞ୍ଚି ନାରାୟଣ ଦାସ କହିଛନ୍ତି, ବ୍ଲକ କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ରିହାତି ଦରରେ ବାଦାମ ବିହନ ଯୋଗାଇ ଦେବାକୁ ସେ ଦାବି କରିଛନ୍ତି। ସେହିପରି ଦଶମୌଜି ଅଞ୍ଚଳ ମହାନଦୀ ଲୁଣା ପାଇକା ନଦୀପଠା ଚାଷ ଜମିରେ ଆଳୁ ଓ ବାଦାମ ଚାଷ ବହୁଳ ପରିମାଣରେ ଚାଷ ହେଉଥିବା ଦେଖିବାକୁ ମିଳୁଛି। ବ୍ଲକ କୃଷି ଅଧିକାରୀ ପ୍ରଦୋଷ କୁମାର ବେହେରାଙ୍କୁ ପଚାରିବାରେ ୨୦ ହେକ୍ଟର ଚାଷ ଜମି ପାଇଁ ଚିନାବାଦାମ ବିହନ ୩୦ କୁଇଣ୍ଟାଲ ପହଞ୍ଚିଛି। ଯେଉଁ ଚାଷୀଙ୍କ ସ୍ଥିତିବାନ ଜମି ପଟ୍ଟା ଥିବ ଉକ୍ତ ଚାଷୀଙ୍କୁ ଚିନାବାଦାମ ବିହନ ଯୋଗାଇ ଦିଆଯିବ। ୮ ଶହ ଟଙ୍କାର ସାର, ଔଷଧ ଦୋକାନର ଦ୍ରବ୍ୟ ଓ ବିକ୍ରି କର ରସିଦ୍ ପ୍ରଦାନ କଲେ ସେମାନଙ୍କୁ ଚିନାବାଦାମ ବିହନ ବଣ୍ଟନ କରାଯିବ ବୋଲି ସେ କହିଛନ୍ତି।

# କାଦମ୍ବିନୀ ପକ୍ଷରୁ ପରାଗ ସମ୍ପାଦକ ସମ୍ବର୍ଦ୍ଧିତ

ଆଳି,୬।୧ (ବନମାଳୀ ସେନାପତି)

ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ରବିବାର କାଦମ୍ବିନୀ ଚତୁର୍ବିଂଶତମ ସାହିତ୍ୟ ମହୋତ୍ସବ ଓ ସପ୍ତଦଶ ପତ୍ରିକା ହାଟ ଆୟୋଜିତ ହୋଇଥିଲା। କିଟ୍ ଓ କାଦମ୍ବିନୀର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଆବାହକତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲା ଆଳିରୁ ପ୍ରକାଶ ପାଉଥିବା 'ପରାଗ' ସାହିତ୍ୟ ପତ୍ରର ସମ୍ପାଦକ ବନମାଳୀ ସେନାପତିଙ୍କୁ 'କାଦମ୍ବିନୀ ସମ୍ପାଦକ ସମ୍ମାନ-୨୦୨୫' ରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେନାପତିଙ୍କୁ ମାନପତ୍ର, ଉତ୍ତରୀୟ, କାଦମ୍ବିନୀ ଲେଖା ଥିବା ଏକ ରୌପ୍ୟ ମେମେଣ୍ଟୋ ଓ ୧୦ ହଜାର ଟଙ୍କାର ଅର୍ଥ ରାଶି ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନେ ଦେଇ ସମ୍ମାନିତ କରିଥିଲେ। ଶାନ୍ତି ନିକେତନ ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର କୈଳାସ ପଟ୍ଟନାୟକ ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ନୂଆଦିଲ୍ଲୀ ଇନ୍ଦିରା ଗାନ୍ଧୀ ଜାତୀୟ କଳା କେନ୍ଦ୍ରର ସଦସ୍ୟ ସଚିବ ଡ. ସଚ୍ଚିଦାନନ୍ଦ ଯୋଶୀ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ଓ ନିର୍ଦ୍ଦେଶକ ଚନ୍ଦ୍ର ପ୍ରକାଶ ଦ୍ୱିବେଦୀ ଓ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଲେଖିକା ବନଜ ଦେବୀ, ବିଶିଷ୍ଟ ଲେଖିକା, ସମ୍ପାଦିକା ଓ ବ୍ଲଗର ଡ. ନୀନା ବର୍ମା, ବିଶିଷ୍ଟ ଲେଖକ ଅଭିନେତା ଓ ମଞ୍ଚ କଳାକାର ଅଖିଳେନ୍ଦ୍ର ମିଶ୍ର ଯୋଗଦେଇଥିଲେ। ଉତ୍ସବରେ ବିଶିଷ୍ଟ ମରାଠୀ ସାହିତ୍ୟିକ ଡ. ଜ୍ଞାନେଶ୍ୱର ମନୋହର ମୁଳେଙ୍କୁ ନୀଳିମାରାଣୀ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। କିଟ୍ ଓ କାଦମ୍ବିନୀର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଦେଇଥିବାବେଳେ କାଦମ୍ବିନୀ ଓ କୁନିକଥାର ସମ୍ପାଦିକା ଇତି ସାମନ୍ତ ଧନ୍ୟବାଦ ଦେଇଥିଲେ। ପତ୍ରିକା ହାଟରେ ପ୍ରାୟ ପାଞ୍ଚ ଶହ ସାହିତ୍ୟ ପତ୍ରିକା ଅନୁଷ୍ଠାନ ସେମାନଙ୍କର ଷ୍ଟଲ ଖୋଲି ପତ୍ରିକା ବିକ୍ରି କରିଥିଲେ।



ପରାଗ ସମ୍ପାଦକ ବନମାଳୀ ସେନାପତିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଆଦିତ୍ୟ


@ ଅଲେଖ


@ ଯତୀନ୍ଦ୍ର


@ ସନ୍ତୋଷ


@ ଶିବରାମ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସତ୍ୟଜିତ, ଶୁଭଶ୍ରୀଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ

**ଧର୍ମଶାଳା ମହୋତ୍ସବ ଉଦ୍‌ଯାପିତ**

ଧର୍ମଶାଳା/କାଏମା,୬।୧
(ବଟକୃଷ୍ଣ ପରିଡ଼ା/ଶିବ ପ୍ରସାଦ ମହାନ୍ତି):


ଉଦ୍‌ଯାପନୀ ସନ୍ଧ୍ୟାରେ ସତ୍ୟଜିତ୍ ଓ ଶୁଭଶ୍ରୀ ସଙ୍ଗୀତ ପରିବେଷଣ କରୁଛନ୍ତି।

ଯାଜପୁର ଜିଲା ଜାରକାଠାରେ ଗତ ୨୬ ତାରିଖଠାରୁ ଚାଲିଥିବା ଧର୍ମଶାଳା ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଡିସେମ୍ବର ୨୫ରେ ଉଦ୍‌ଘାଟିତ ହେବାକୁ ଥିବା ଏହି ମହୋତ୍ସବ ଲଘୁଚାପଜନିତ ବର୍ଷା ଯୋଗୁ ଦିନକ ପରେ ଅର୍ଥାତ୍ ଡିସେମ୍ବର ୨୬ ସନ୍ଧ୍ୟାରେ ସମବାୟ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ କୁମାର ବଳବନ୍ତରାୟ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଉଦ୍‌ଘାଟନୀ ସନ୍ଧ୍ୟାରେ ଓଲିଉଡ କଣ୍ଠଶିଳ୍ପୀ ଅଭିଜିତ ମଜୁମ୍‌ଦାର ଓ ତାଙ୍କ ସାଥୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରବର୍ତ୍ତୀ ସନ୍ଧ୍ୟାରେ ଓଲିଉଡ ଓ ବଲିଉଡର ନାମୀଦାମୀ କଳାକାର କୈଳାସ ଖେର, ମିକା ସିଂ, ଅନନ୍ୟା ଚକ୍ରବର୍ତ୍ତୀ, ଅରୁଣିତା ଓ ପବନଦୀପ ଭଳି କଳାକାରମାନେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ।

ସୋମବାର ମହୋତ୍ସବର ଦ୍ୱାଦଶ ସନ୍ଧ୍ୟାରେ ମୁକ୍ତାକାଶ ମଞ୍ଚରେ ଚଣ୍ଡିଖୋଲ ଅଞ୍ଚଳର ଉଦୟମାନ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ । ପରେ ଇଣ୍ଡିଆନ ଆଇଡଲ ପ୍ରତିଯୋଗୀ ସତ୍ୟଜିତ ଜେନା ଓ ଶୁଭଶ୍ରୀ ଜେନା ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କ ସଙ୍ଗୀତକୁ ଦର୍ଶକମାନେ ଭରପୁର ଉପଭୋଗ କରିଥିଲେ । ଆଜି ମହୋତ୍ସବର ଶେଷ ସନ୍ଧ୍ୟା ହୋଇଥିବା ଦର୍ଶକଙ୍କ ଭିଡ଼ ଜମିଥିଲା । ମହୋତ୍ସବ ପଡ଼ିଆରେ ଅଧିକ ଭିଡ଼ ଲାଗିଥିବାରୁ ପୋଲିସ ଓ କମିଟି ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ଦାଶ,ଉପସଭାପତି ଶ୍ରୀକାନ୍ତ ସାହୁ, ସମ୍ପାଦକ ଜିତେନ୍ଦ୍ର ରାଉତ, ରାଜେଶ କୁମାର ପାଳ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ । କମିଟିର ସଭାପତି ରବିନ୍ଦ୍ର ନାରାୟଣ ସାହୁଙ୍କ ସଭାପତିତ୍ୱରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମଙ୍ଗଳବାର ଭସାଣୀ ଅନୁଷ୍ଠିତ ହେବ ବୋଲି ମହୋତ୍ସବ କମିଟିର ସାଧାରଣ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ସୂଚନା ଦେଇଛନ୍ତି ।

# ଚାଷୀ ଅଭାବୀ ଧାନ ବିକ୍ରିର ସମ୍ମୁଖୀନ

- ସରକାରୀ ମଣ୍ଡି ଖୋଲିବାରେ ବିଳମ୍ବ
- ପ୍ରଶାସନିକ ଅଧିକାରୀଙ୍କୁ ଚିନ୍ତା ନାହିଁ
- ଲଘୁଚାପ ବର୍ଷାରେ ଧାନ ବୁଡ଼ି ରଙ୍ଗ ପରିବର୍ତ୍ତନ

ପଟ୍ଟାମୁଣ୍ଡାଇ, ୬।୧ (କଳ୍ପତରୁ ନାୟକ)


ମେଶିନରେ ଧାନ ଅମଳ ପରେ ବିଲରେ ଶୁଖାଯାଇଛି।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଅଦିନିଆ ବର୍ଷା ପାଣିରେ ପ୍ରାୟ ଖରିଫ ଧାନ ଫସଲକୁ ପ୍ରଭାବିତ କରିଛି। କ୍ଷେତରେ ଧାନ ପାଣିରେ ବୁଡ଼ି ରହି ଧାନର ରଙ୍ଗ ପରିବର୍ତ୍ତନ ହେବା ସହ ଧାନରୁ ଗଜା ବାହାରି ଗଲାଣି। ସେହି ଉଜୁଡ଼ା ଚାଷ ଜମି ପାଣିରୁ ଧାନ ଛାଣି ଚାଷୀ ଶୁଖାଇ ବସ୍ତାରେ ଭର୍ତ୍ତି କରି ରଖିଥିବା ଦେଖାଯାଉଛି। ପାଣି ଭିଜା ଧାନ ମଣ୍ଡି ନେବା ନ ନେବା ଉପରେ ଚାଷୀମାନଙ୍କର ଭରସା ପାଉନି। ଯାହାକୁ ନେଇ ଚାଷୀମାନେ ଆଶା ଓ ଆଶଙ୍କାରେ ଥିବାବେଳେ କେତେଜଣ ଘରୋଇ ବ୍ୟବସାୟୀ ଚାଷୀଙ୍କୁ ଶିଖାଇ ଶାଗ ମାଛ ମୂଲ୍ୟରେ ଧାନ କିଣି ନେଉଛନ୍ତି। ସରକାରୀ ମଣ୍ଡିରେ ଧାନର କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ରହିଛି। ହେଲେ ଗାଁରେ ଘରକୁ ଘର ବୁଲି ଧାନ କିଣୁଥିବା ବ୍ୟବସାୟୀ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୧୮ଶହରୁ ୧୯ଶହ ଟଙ୍କାରେ ଧାନ କିଣି ନେଉଛନ୍ତି। ଯାହାଦ୍ୱାରା ଚାଷୀମାନେ ଧାନର ଉଚିତ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି।

ଚାଷୀ ଅଜୟ ନାୟକ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଧାନମଣ୍ଡି ଖୋଲିପାରିନାହିଁ କି ଏ ପର୍ଯ୍ୟନ୍ତ ଧାନ କିଣା ଆରମ୍ଭ ହୋଇନି। ଜିଲାର ୯ଟି ବ୍ଲକ ମଧ୍ୟରୁ ଜଳସେଚିତ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ଧାନ ଅମଳ ଶୀଘ୍ର ହୋଇଥାଏ। ଏହି ବ୍ଲକର ପାଳ ଅଞ୍ଚଳରେ କେତେଜଣ ଚାଷୀ ଧାନ ଅମଳ ସାରି ରବି ଧାନ ଚାଷ ପାଇଁ ଜମି ପ୍ରସ୍ତୁତ କରିସାରିଲେଣି। ମାତ୍ର ଏ ପର୍ଯ୍ୟନ୍ତ ସରକାରଙ୍କ ମଣ୍ଡି ଖୋଲିନାହିଁ। ତେଣୁ ଚାଷୀ ବାଧ୍ୟ ହୋଇ କମଦରରେ ଧାନ ବିକ୍ରି କରିଦେଉଛନ୍ତି। ଅସାଧୁ ବ୍ୟବସାୟୀ ଚାଷୀଙ୍କ ନିକଟରୁ କୁଇଣ୍ଟାଲ ପ୍ରତି ୧୯୦୦ଟଙ୍କାରେ ଧାନ କିଣି ମାଲାମାଲ ହେଉଛନ୍ତି। ବିଳମ୍ବିତ ଧାନ କିଣା ପାଇଁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଥିବା ବେଳେ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ଏଥିପ୍ରତି ଚିନ୍ତା କରୁନାହାନ୍ତି। ନରେଶ ଜେନା କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୭୦ ପ୍ରତିଶତ ଜମିରେ ଧାନ ଅମଳ ସରିଲାଣି। ଚାଷୀମାନେ ବିଭିନ୍ନ ବ୍ୟାଙ୍କ ଏବଂ ଟଙ୍କା ଲଗାଣକାରୀ ସଂସ୍ଥାଠାରୁ ଋଣ ଆଣି ଚଳିତ ଖରିଫ ଧାନ ଚାଷ କରିଥିଲେ। ଧାନ ଅମଳ ସମୟରେ ଲଘୁଚାପ ଜନିତ ଅଦିନିଆ ବର୍ଷା ହଜାର ହଜାର ଚାଷୀଙ୍କ ପାଇଁ ଆଣି ଦେଇଛି ବିଷମ ପରିସ୍ଥିତି। ଚାଷୀମାନଙ୍କର ବର୍ଷକର ଭାତହାଣ୍ଡି ଘରକୁ ଆଣିବା ସମୟରେ ଉଜୁଡ଼ା କ୍ଷେତରୁ ସଂଗ୍ରହ କରାଯାଇଥିବା ଧାନକୁ ଚାଷୀ ଉଚିତ ମୂଲ୍ୟ ପାଇବାରୁ ବଞ୍ଚିତ ହୋଇଥିବା ଦେଖିବାକୁ ମିଳିଛି। ଫଳରେ ଚାଷୀମାନେ ଆଣିଥିବା ଋଣ କିପରି ପରିଶୋଧ କରିବେ ସେହି ଆଶଙ୍କାରେ ଚାଷୀ ଦିନ କାଟୁଛନ୍ତି। ବୁଦ୍ଧିଜୀବୀ ନଟବର ପ୍ରଧାନ କହିଛନ୍ତି, ବର୍ଷାର କଷଣ ସାଙ୍ଗକୁ ଏବେ ଧାନର ଅଭାବୀ ବିକ୍ରି ଚାଷୀମାନଙ୍କ ସମସ୍ୟାକୁ ଅଧିକ ବଢ଼ାଇ ଦେଇଛି। ଏହି ସମସ୍ୟାରେ ବିଶେଷ ଭାବରେ ପ୍ରଭାବିତ ହେଉଛନ୍ତି ନିମ୍ନ ମଧ୍ୟବିତ ଏବଂ ଭାଗଚାଷୀ। କ୍ଷୟକ୍ଷତି ଆକଳନରେ ପ୍ରଶାସନିକ ଅଧିକାରୀମାନେ ରାସ୍ତା ଉପରୁ ଚାଷ ଜମିକୁ ଦେଖି ଚାଲିଯାଉଥିବାବେଳେ ଏଥିରୁ ଅନେକ ପ୍ରକୃତ ଚାଷୀ ବାଦ ପଡ଼ିବାର ଆଶଙ୍କା କରୁଛନ୍ତି। ଏଥିଯୋଗୁ ଅଭାବୀ ଧାନ ବିକ୍ରି ଚାଷୀମାନଙ୍କ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଉଛି। କୃଷକ ନେତା ବିଜୟ ଦାସ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଅନେକ ଚାଷୀ ଅମଳ ଧାନକୁ ବିଲରୁ ବିକ୍ରି କରି ଦେଉଛି। ମଣ୍ଡି ଖୋଲା ଯାଇ ନ ଥିବାରୁ ଚାଷୀ ସରକାରୀ ଦରରେ ଧାନ ବିକ୍ରି କରି ନ ପାରି କ୍ଷତି ସହୁଛି। ଚାଷୀଙ୍କୁ ସରକାରୀ ମଣ୍ଡିରୁ ବିମୁଖ କରି ମିଲର୍ସ ଓ ଅସାଧୁ ବ୍ୟବସାୟୀଙ୍କ ହାତରେ ସେମାନଙ୍କ କଷ୍ଟ ଉପାର୍ଜିତ ଧାନକୁ ଟେକି ଦେବାକୁ ଏକ ଷଡ଼ଯନ୍ତ୍ର ହୋଇଥିବା ଜିଲା କୃଷକ ସଙ୍ଗଠନ ଅଭିଯୋଗ କରିଛି। ମଣ୍ଡି ଖୋଲିବା ପୂର୍ବରୁ କମ୍ ଦରରେ ଧାନ କିଣି ମିଲର୍ସ ଗୋଦାମ ଭର୍ତ୍ତି କରିବାକୁ ସୁଯୋଗ ଦିଆଗଲା। ପ୍ରଶାସନ ଚାଷୀଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ନ ଦେଲେ ଜିଲା କୃଷକ ସଙ୍ଗଠନ ଆନ୍ଦୋଳନ କରିବ ବୋଲି ଚେତାଇ ଦେଇଛନ୍ତି।

# ଦର୍ଶକଙ୍କ ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ



ମହୋତ୍ସବରେ ବାଚସ୍ପତି ସୁରମା ପାଢ଼ୀ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବିଧାୟକ ସିଦ୍ଧାନ୍ତ ମହାପାତ୍ର ଓ ଅନ୍ୟମାନେ।



ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ଲାଗି ଲୋକଙ୍କ ଗହଳି।

## ରଣପୁର ମହୋତ୍ସବ ଅର୍ଜୁନର ଦ୍ୱିତୀୟ ସନ୍ଧ୍ୟା

ରଣପୁର, ୬।୧ (ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ବ୍ଲକ ବାଘସାମନ୍ତ ପଡ଼ିଆର ମୁକ୍ତ ଆକାଶ ରଙ୍ଗମଞ୍ଚରେ ରବିବାରଠାରୁ ୨୦ତମ ରଣପୁର ମହୋତ୍ସବ ଅର୍ଜୁନ ଆରମ୍ଭ ହୋଇଛି। ସୋମବାର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପୁରୁଲିଆ ଛଉ ନୃତ୍ୟ, ସିନେ କଳାକାରଙ୍କ ଡାଏଲଗ, ଗୋଟିପୁଅ ନୃତ୍ୟ, ନାଗ ମେଢ଼ ଦର୍ଶକମାନଙ୍କ ମନ ମୋହିଥିଲା। ବିଭିନ୍ନ ବିଦ୍ୟାଳୟ, କଲେଜର ଛାତ୍ରୀଛାତ୍ରଙ୍କ ଦ୍ୱାରା କୁଇଜି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଚିତ୍ତାକର୍ଷକ ହୋଇଥିଲା। ରଣପୁର ସଙ୍ଗୀତ କଳା ବିଦ୍ୟା ନିକେତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତ ଗାନ ଓ ଓଡ଼ିଶୀ ନୃତ୍ୟ ସହ ବିଭିନ୍ନ ଡ୍ୟାନ୍ସ ପରିବେଷଣ କରାଯାଇଥିଲା। ଏହାକୁ ସଙ୍ଗୀତ କଳା ନିକେତନର ଅଧ୍ୟକ୍ଷ ସତ୍ୟନାରାୟଣ ମହାପାତ୍ରଙ୍କ ଦ୍ୱାରା ସଭା କାର୍ଯ୍ୟ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଦିଗପହଣ୍ଡି ବିଧାୟକ ତଥା ସିନେ ତାରିକା ସିଦ୍ଧାନ୍ତ ମହାପାତ୍ର, ନୟାଗଡ଼ ବିଧାୟକ ଅରୁଣ ସାହୁ, ନୟାଗଡ଼ ଏସ୍‌ପି ଏସ୍. ସୁଶ୍ରୀ, ରଣପୁର ବିଡିଓ ସୁଧୀର କୁମାର ନାୟକ ପ୍ରମୁଖ ସମ୍ମାନିୟ ଅତିଥି ଭାବେ ଯୋଗଦେଇଥିଲେ। ସଭାରେ ମହୋତ୍ସବ କମିଟିର ପ୍ରଶାନ୍ତ କୁମାର ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ।



କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

ସଭାରେ ମହୋତ୍ସବ କମିଟିର ଅଧ୍ୟକ୍ଷା, ରଣପୁର ବିଧାୟକା ତଥା ଓଡ଼ିଶାର ବାଚସ୍ପତି ସୁରମା ପାଢ଼ୀ ସଭାପତିତ୍ୱ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଏବଂ ବ୍ୟକ୍ତି ବିଶେଷଙ୍କ ସହ ରଣପୁର ବିଜ୍ଞାପିତ ଅଞ୍ଚଳର ୧୫ ଜଣ କାଉନ୍ସିଲରଙ୍କୁ ରଣପୁର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବ ଦେଖିବାକୁ ଶୀତୁଆ ପାଗ ସତ୍ତ୍ୱେ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟକ ଜନସମାଗମ ହୋଇଥିଲା। ଦର୍ଶଙ୍କ ମନୋରଞ୍ଜନ ପାଇ ମୀନା ବଜାର, ରାମଦୋଳି, ମିକି ମାଉସୀ ସହ ବିଭିନ୍ନ ଅଞ୍ଚଳରୁ ଆସିଥିବା ଷ୍ଟଲ ଖୋଲିଥିଲା। ଏହି ଷ୍ଟଲଗୁଡିକରେ ବହୁମାତ୍ରାରେ ଭିଡ ଦେଖିବାକୁ ମିଳିଥିଲା। କିଣାବିକା ବି ଭଲ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇ ରଣପୁର ଥାନା ଅଧିକାରୀ ମୁକେଶ ବେହେରାଙ୍କ ସମେତ ବ୍ୟାପକ ଫୋର୍ସ ମୁତୟନ ହୋଇଥିଲେ।

## ଜିଲାପାଳଙ୍କୁ ଅଭିଯୋଗ କଲା ଓକିଲ ସଂଘ

### ତହସିଲ କାର୍ଯ୍ୟାଳୟରେ ଓକିଲଙ୍କୁ ଅପମାନସୂଚକ ମନ୍ତବ୍ୟ

ଓଡ଼ଗାଁ,୬।୧ (ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ କେତେକ ଓକିଲଙ୍କୁ ଅପମାନ ସୂଚକ ମନ୍ତବ୍ୟ ଦେବାକୁ ନେଇ ଓଡ଼ଗାଁ ବାର ଆସୋସିଏଶନ ପକ୍ଷରୁ ନୟାଗଡ଼ ଜିଲାପାଳଙ୍କ ନିକଟରେ ସୋମବାର ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଡିସେମ୍ବର ୩୦ ତାରିଖରେ ଗୋଟିଏ ମାମଲାର ଶୁଣାଣି ଥିବାରୁ ଆସୋସିଏଶନର ବରିଷ୍ଠ ସଭ୍ୟ ଆଇନଜୀବୀ ପବିତ୍ର ମୋହନ ସାହୁ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ସମ୍ପୃକ୍ତ ବେଞ୍ଚ କିରାଣିଙ୍କୁ ମାମଲା ସମ୍ବନ୍ଧୀୟ ନଥିପତ୍ର ସହ ଆଲୋଚନା କରିବା ପରେ ତହସିଲଦାରଙ୍କ ଅଦାଲତକୁ ଆସିବା ପାଇଁ ସୂଚିତ କରିଥିଲେ। ଏ ନେଇ ସମ୍ପୃକ୍ତ କିରାଣି ଅହେତୁକ ବିଳମ୍ବ କରିବାରୁ ଓକିଲ ସାହୁ ଅସନ୍ତୋଷ ପ୍ରକାଶ କରିଥିଲେ। ଏ ନେଇ କାର୍ଯ୍ୟାଳୟ ଭିତରେ ଥିବା ଅନ୍ୟ ଓକିଲଙ୍କ ସହ ୨ ଜଣ ମହିଳା କିରାଣି ଏକାଠି ହୋଇ ଓକିଲଙ୍କ ପ୍ରତି କଟୁ ମନ୍ତବ୍ୟ ଦେବାରୁ ଉଭୟଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। କିଛି ସମୟ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ହେଲେ ଏନେଇ ତହସିଲଦାରଙ୍କ ନିକଟରେ ଓକିଲ ସଂଘ ପକ୍ଷରୁ କୌଣସି ଲିଖିତ ଅଭିଯୋଗ କରି ନ ଥିବାବେଳେ ଉପରୋକ୍ତ ଘଟଣାକୁ ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଥିବା ଜଣାପଡ଼ିଛି। ତଦନ୍ତ ପରେ ଏହାର ସତ୍ୟାସତ୍ୟ ଜଣାପଡ଼ିବ।

## ପ୍ରକାଶ ପାଇଲା ଚୂଡ଼ାନ୍ତ ଭୋଟର ତାଲିକା



ଜିଲାପାଳ ଓ ପ୍ରଶାସନିକ ଅଧିକାରୀମାନେ ଚୂଡାନ୍ତ ଭୋଟର ତାଲିକା ଦେଖାଉଛନ୍ତି।

ନୟାଗଡ଼,୬।୧ (ଲୋକନାଥ ମିଶ୍ର)

- ୪ ନିର୍ବାଚନମଣ୍ଡଳୀରେ ୮ ଲକ୍ଷ ୧୪ ହଜାର ଭୋଟର
- ବଢ଼ିଲେ ମହିଳା ଭୋଟର, କମିଲା ତୃତୀୟ ଲିଙ୍ଗ ଭୋଟରଙ୍କ ସଂଖ୍ୟା

ନୟାଗଡ଼ ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ସୋମବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିଛନ୍ତି। ଚୂଡ଼ାନ୍ତ ଭୋଟର ତାଲିକା ଜିଲା, ବ୍ଲକ ଓ ବୁଥ୍ ସ୍ତରରେ ପ୍ରକାଶ ପାଇଛି। ଇଚ୍ଛୁକ ବ୍ୟକ୍ତି ଜିଲା, ବ୍ଲକ ଓ ବୁଥ୍ ସ୍ତରରେ ନାମ ଯାଞ୍ଚ କରିପାରିବେ। ନୂତନ ଭାବେ ଯୋଗ ଦେଇଥିବା ଭୋଟର, ତଥ୍ୟ ସଂଶୋଧନ କରିଥିବା ଭୋଟର, ନୂତନ ଭାବେ ଭୋଟ ପରିଚୟ ପତ୍ର ପାଇଁ ଆବେଦନ କରିଥିବା ଭୋଟରଙ୍କ ଭୋଟ ପରିଚୟପତ୍ର ଡାକ ମାଧ୍ୟମରେ ପଠାଯିବାର ବ୍ୟବସ୍ଥା ହୋଇଛି। ଜିଲାରେ ୮ ଲକ୍ଷ ୧୪ ହଜାର ୧୬୫ ଭୋଟର ଅଛନ୍ତି। ଏଥିରୁ ପୁରୁଷ ୪ ଲକ୍ଷ ୨୫ ହଜାର ୦୫୨ ଓ ମହିଳା ୩ ଲକ୍ଷ ୮୯ ହଜାର ୦୭୦, ତୃତୀୟ ଲିଙ୍ଗୀ ୪୩ ଜଣ ଅଛନ୍ତି। ତେବେ ୨୦୨୪ ଚୂଡ଼ାନ୍ତ ଭୋଟର ତାଲିକାରେ ତୃତୀୟ ଲିଙ୍ଗ ୪୮ ଥିଲେ। ଜିଲାରେ ମହିଳା ଭୋଟରଙ୍କ ସଂଖ୍ୟା ବଢ଼ିଛି। ୨୦୧୯ ମସିହାରେ ମହିଳା ଭୋଟର ଅନୁପାତ ୮୯୬ ଥିବାବେଳେ ୨୦୨୪ରେ ୯୧୦ ଓ ୨୦୨୫ରେ ୯୧୫ରେ ପହଞ୍ଚିଛି। ସେହିଭଳି ୧୮ ଓ ୧୯ ବର୍ଷର ନବାଗତ ଭୋଟର ୨୦୧୯ ମସିହାରେ ୧୧, ୩୦୧ ଥିବାବେଳେ ୨୦୨୪ ଚୂଡ଼ାନ୍ତ ଭୋଟର ତାଲିକାରେ ୧୬, ୬୬୧ ଓ ୨୦୨୫ ଚୂଡ଼ାନ୍ତ ତାଲିକାରେ ୧୪, ୩୧୦ରେ ପହଞ୍ଚିଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ଦେବଦତ୍ତ ପଣ୍ଡା, ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ, ଅତିରିକ୍ତ ଜିଲାପାଳ (ନିର୍ବାଚନ) ରୋଜିନା ଦାସ, ଉପଜିଲାପାଳ କର୍ଣ୍ଣଦେବ ସମାଦାର ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ, ଯୋଗ ଶିବିର



ଛାତ୍ରୀମାନଙ୍କୁ ଯୋଗ ପ୍ରଶିକ୍ଷଣ ଦିଆଯାଉଛି।

ଖଣ୍ଡପଡ଼ା,୬।୧ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ସଂସ୍କୃତ ବିଭାଗ ପକ୍ଷରୁ ଯୋଗ ବିଷୟକ ଆଲୋଚନା ଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାର୍ଥୀଙ୍କ ଭବିଷ୍ୟତ ନିର୍ମାଣ ଶିବିର ମାଧ୍ୟମରେ ଅଧ୍ୟାପକ ଶରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟ ଯୋଗାଚାର୍ଯ୍ୟ ଡ. ବିଶ୍ୱ ରଞ୍ଜନ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ସିଦ୍ଧାନ୍ତ (ଥିଓରୀ) ଓ ବ୍ୟବହାରିକ ଜ୍ଞାନ ପ୍ରଦାନ କରି ନିର୍ଭୀକ, ସତ୍ୟ, ସଂଯମ ଓ ନିଷ୍ଠା ଇତ୍ୟାଦି ଗୁଣର ଉପଯୋଗ ସହ ମହାପୁରୁଷଙ୍କ ଜୀବନୀ ବିଷୟରେ ଆଲୋକପାତ କରିଥିଲେ। ଏଥିରେ ଛାତ୍ରୀଛାତ୍ର, ଅଧ୍ୟାପିକା ସୁଶ୍ରୀ ଜୟଶ୍ରୀ ସାହୁ, ଅଧ୍ୟାପକ ସୁମନ୍ତ କୁମାର ଜେନା, ଅଧ୍ୟାପିକା ସରଳା ବେହେରା, ଅଧ୍ୟାପକ ମାନସ ଆଚାର୍ଯ୍ୟ, ଅଧ୍ୟାପକ ଡ. ନୀରୋଦ କୁମାର ମନ୍ତ୍ରୀ ଓ ଅଧ୍ୟାପିକା ରଶ୍ମିତା ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଆଦିତ୍ୟ



@ ଅଲେଖ



@ ଯତୀନ୍ଦ୍ର



@ ସନ୍ତୋଷ



@ ଶିବରାମ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଭ୍ରୂଣହତ୍ୟା ଉପରେ ଲାଗୁନି ରୋକ୍

ନୟାଗଡ଼,୬।୧ (ଲୋକନାଥ ମିଶ୍ର)

### ବିନା ପ୍ରେସ୍‌କ୍ରିପଶନରେ ବିକ୍ରି ହେଉଛି ଗର୍ଭପାତ ଔଷଧ

ନୟାଗଡ଼ ଜିଲାରେ ଭ୍ରୂଣହତ୍ୟାରେ ରୋକ୍ ଲାଗି ପାରୁନାହିଁ। ଡାକ୍ତରଙ୍କ ବିନା ପ୍ରେସକ୍ରିପଶନରେ ଜିଲାର ବିଭିନ୍ନ ମେଡିସିନ୍ ଦୋକାନରେ ବିକ୍ରି ହେଉଛି ଗର୍ଭପାତ ଔଷଧ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାକୁ ବନ୍ଦ କରାଯାଇପାରୁନାହିଁ। ଅନ୍ୟପକ୍ଷେ ଏ ନେଇ ତଦନ୍ତ ମଧ୍ୟ ହେଉନି ବୋଲି ଅଭିଯୋଗ ହୋଇ ଆସୁଛି। କେତେଜଣ ମେଡିସିନ୍ ଦୋକାନୀ ଔଷଧ ଦେଇ ଗର୍ଭପାତ କରାଉଥିବା ଅଭିଯୋଗ ରହିଛି। ଏଭଳି ଅଭିଯୋଗକୁ ଅଣଦେଖା କରାଯାଉଥିବାରୁ ଭ୍ରୂଣହତ୍ୟା ବନ୍ଦ ହେଉନାହିଁ।

#### ଅନଭିଜ୍ଞ କରୁଛନ୍ତି ଅଲଟ୍ରାସାଉଣ୍ଡ ପରୀକ୍ଷଣ

ନୟାଗଡ଼ରେ ଗାଇନିକ୍, ସର୍ଜରି, କ୍ୟାନ୍ସର ପରି ରୋଗର ଅଲଟ୍ରାସାଉଣ୍ଡକୁ କେତେଜଣ ଅନଭିଜ୍ଞ ଲୋକ କରୁଛନ୍ତି ବୋଲି ଅଭିଯୋଗ ଉଠିଛି। ଏଣୁ ରିପୋର୍ଟ ଭୁଲ୍ ଆସୁଛି। ରେଡିଓଲୋଜିଷ୍ଟ, ଓଜି ସ୍ପେଶାଲିଷ୍ଟ, ୬ମାସ ତାଲିମ ନେଇଥିବା ଏମ୍‌ବିବିଏସ୍ ଡାକ୍ତର ଅଲଟ୍ରାସାଉଣ୍ଡ କରିପାରିବେ। କିନ୍ତୁ ଅଲଟ୍ରାସାଉଣ୍ଡ କେନ୍ଦ୍ରଗୁଡ଼ିକରେ ଧରପଗଡ଼ ନ ଥିବାରୁ ଅନଭିଜ୍ଞ ଲୋକ ବେଳେ ବେଳେ ଅଲଟ୍ରାସାଉଣ୍ଡ କରୁଥିବା କୁହାଯାଉଛି। ଏ ନେଇ ତଦନ୍ତ କରି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଅନ୍ୟପକ୍ଷେ ଚଢ଼ାଉକୁ ତ୍ୱରାନ୍ୱିତ କରାଯିବା ଦରକାର ବୋଲି କୁହାଯାଉଛି।

#### ଶୀତଳଭଣ୍ଡାରରେ ଧରପଗଡ଼

ମେଡିକାଲ ଟର୍ମିନେଶନ ଅଫ ପ୍ରେଗ୍‌ନେନ୍‌ସି ଆକ୍ଟରେ ଅନୁମତି ନ ପାଇ ମଧ ନୟାଗଡ଼ ଜିଲାର ବିଭିନ୍ନ ଘରୋଇ ହସ୍ପିଟାଲରେ ଭ୍ରୂଣହତ୍ୟା ଚାଲିଛି। ଏଭଳି ଅଭିଯୋଗ ବହୁଦିନ ହେଲା ହୋଇଆସୁଛି। ୨୦୨୧ ଅଗଷ୍ଟ ୩୦ରେ ଜିଲା ମୁଖ୍ୟ ଚିକିତ୍ସାଳୟର ପଛପାଖ ଆନନ୍ଦ ଭବନରେ ଚାଲିଥିବା ଆଦିତ୍ୟ ହସ୍ପିଟାଲ ଆଣ୍ଡ କ୍ଲିନିକ୍‌ରେ ଭ୍ରୂଣ ହତ୍ୟା ଧରା ପଡ଼ିଥିଲା। ଏହି ଘଟଣାରେ ଘରୋଇ ହସ୍ପିଟାଲର ମାଲିକ, ୨ ନର୍ସ, ଦଲାଲ ସମେତ ୫ ଜଣ ଗିରଫ ହୋଇ ଜେଲ ଯାଇଥିଲେ। ନୟାଗଡ଼ ଜିଲାରେ ୨ୟ ଥର ଭ୍ରୂଣ ହତ୍ୟା ପ୍ରମାଣିତ ହେବା ପରେ ବିଭିନ୍ନ ସମୟରେ ଚଢ଼ାଉ ଓ ଧରପଗଡ଼ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଥିଲା। ତେବେ ଏଭଳି ପ୍ରସଙ୍ଗ ସମୟରେ ହାତଗଣତି ଘରୋଇ କ୍ଲିନିକ୍ ଓ ଅଲଟ୍ରାସାଉଣ୍ଡ କେନ୍ଦ୍ର ଉପରେ ଚଢ଼ାଉ ହୋଇଥିଲା। ପରେ ଧରପଗଡ଼ ଓ ଚଢ଼ାଉ ଶୀଳଭଣ୍ଡାରରେ ପୁଣି ରହିଗଲା। ସ୍ୱାସ୍ଥ୍ୟ ବିଭାଗର ଧରପଗଡ଼ ନ ଥିବାରୁ ଜିଲାରେ ପିସି ଆଣ୍ଡ ପିଏନ୍‌ଡିଟି ଆକ୍ଟ ଠିକ୍‌ରେ କାମ କରୁନାହିଁ ବୋଲି ପୁଣି ଅଭିଯୋଗ ଉଠିଲାଣି। ଭ୍ରୂଣହତ୍ୟା ଚିହ୍ନଟ ପରେ କିଛିଦିନ ଚଢ଼ାଉ ଭୟରେ ଏଭଳି କାର୍ଯ୍ୟ ବନ୍ଦ ରହିଥିଲା। ହେଲେ ରୋଜଗାରର ମୋହ ପୁଣି କେତେଗୋଟି ଘରୋଇ କ୍ଲିନିକ୍‌ରେ ଭ୍ରୂଣ ହତ୍ୟା କରାଯାଉଛି ବୋଲି କୁହାଯାଉଛି। ପ୍ରକାଶଥାଉ କି ୨୦୦୭ ଜୁଲାଇ ୧୪ରେ ନୟାଗଡ଼ର ଡୁବୁରି ପାହାଡ଼ ପାଦଦେଶରେ ୬ଟି ଅପରିପକ୍ୱ ଶିଶୁଙ୍କ ମୃତଦେହ ମିଳିଥିଲା। ଏହାପରେ ନୟାଗଡ଼ ଭ୍ରୂଣହତ୍ୟା କ୍ଷେତ୍ରରେ ଚର୍ଚ୍ଚାକୁ ଆସିଥିଲା। ଏହାର ଅର୍ଥ ନୁହେଁ ଯେ କେବଳ ନୟାଗଡ଼ରେ ଭ୍ରୂଣହତ୍ୟା ହେଉଥିଲା। ଅନ୍ୟ ଜିଲାରେ ହେଉ ନ ଥିଲା। ଏହାକୁ କେହି ପ୍ରମୁଖ ଘଟଣା ଦର୍ଶାଇ ଆଗକୁ ଆଣୁ ନ ଥିଲେ। ନୟାଗଡ଼ ଜିଲା ଏପରି ଏକ ସମ୍ବେଦନଶୀଳ ଘଟଣାକୁ ଲୋକଲୋଚନକୁ ଆସିବା ପରେ ଭ୍ରୂଣ ହତ୍ୟା ଲାଗି ପିସି ପିଏନ୍‌ଡିଟି ଆକ୍ଟ କଡ଼ାକଡ଼ି କରାଗଲା। ଏସବୁ ପରେ ବି କୌଣସି ପରିବର୍ତ୍ତନ ହେଲା ପରି ଲାଗି ନ ଥିଲା। ୨୦୧୧ ଜନଗଣନା ଅନୁସାରେ କନ୍ୟା ଭ୍ରୂଣହତ୍ୟା କ୍ଷେତ୍ରରେ ନୟାଗଡ଼ ଜିଲା ପ୍ରଥମ ସ୍ଥାନରେ ରହିଥିଲା।

#### ଘରୋଇ ହସ୍ପିଟାଲର ମନମାନି ବଢ଼ୁଛି

ନୟାଗଡ଼ ଜିଲାରେ ଘରୋଇ ହସ୍ପିଟାଲ ସରକାରୀ ନିର୍ଦ୍ଦେଶକୁ ମାନୁ ନ ଥିଲେ ମଧ୍ୟ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଘରୋଇ ହସ୍ପିଟାଲରେ ଇନ୍‌ଡୋର ରେଜିଷ୍ଟର, ଆଉଟ୍ ଗୋଇଙ୍ଗ ରେଜିଷ୍ଟର, ଅପରେଶନ ଥିଏଟର ରେଜିଷ୍ଟର, ଘରୋଇ ହସ୍ପିଟାଲକୁ ଆସୁଥିବା ଡାକ୍ତରଙ୍କ ନାମ ଓ ଡାକ୍ତର କେତେ ଟଙ୍କା ଫିସ୍ ନେଉଛନ୍ତି ସେନେଇ ରେଜିଷ୍ଟର କରି ଲିପିବଧ କରିବାକୁ ନିର୍ଦ୍ଦେଶ ରହିଛି। କିନ୍ତୁ ଏହି ନିୟମ ଶୀତଳଭଣ୍ଡାରରେ ପଡ଼ି ରହିଛି। ଏଣୁ ଭ୍ରୂଣହତ୍ୟା, ନକଲି ଡାକ୍ତର ପରି ପ୍ରସଙ୍ଗ ବନ୍ଦ ହୋଇପାରୁନି। ସରକାରୀ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଉଥିଲେ ଭ୍ରୂଣହତ୍ୟା, ନକଲି ଡାକ୍ତର ପରି ଘଟଣା ଆସନ୍ତା ନାହିଁ ବୋଲି କୁହାଯାଉଛି।

ଏ ସମ୍ପର୍କ ସିଡିଏମ୍‌ଓ ସୁଶାନ୍ତ କୁମାର ଦାସଙ୍କୁ ପଚାରିବାରେ ଅଲଟ୍ରାସାଉଣ୍ଡ କେନ୍ଦ୍ର ଉପରେ ଚଢ଼ାଉ କରାଯିବାକୁ ଟିମ କରାଯାଇଛି। ସେହିପରି ଘରୋଇ ହସ୍ପିଟାଲରେ ଇନ୍‌ଡୋର ରେଜିଷ୍ଟର, ଆଉଟ୍ ଗୋଇଙ୍ଗ ରେଜିଷ୍ଟର, ଅପରେଶନ ଥିଏଟର ରେଜିଷ୍ଟର, ଘରୋଇ ହସ୍ପିଟାଲକୁ ଆସୁଥିବା ଡାକ୍ତରଙ୍କ ନାମ ଓ ଡାକ୍ତର ସମ୍ପର୍କରେ ଯାଞ୍ଚ ମଧ୍ୟ ଶୀଘ୍ର କରାଯିବ। ଗର୍ଭପାତ ଔଷଧ ବିକ୍ରି ଉପରେ ଡ୍ରଗ ଇନ୍ସପେକ୍ଟରଙ୍କ ସହ ମଧ୍ୟ ଯୋଗାଯୋଗ କରାଯାଇ ଚଢ଼ାଉ କରାଯିବ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଥିବା ଅସୁବିଧା ଦୂର କରାଯିବାକୁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି ।

# ବୌଦ୍ଧ ହୀରକ ତ୍ରିଭୁଜ ବିକାଶ କାର୍ଯ୍ୟର ସମୀକ୍ଷା କଲେ ପର୍ଯ୍ୟଟନମନ୍ତ୍ରୀ

- ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ପାଇଁ ଚାଲିଛି ପ୍ରସ୍ତୁତି
- ପ୍ରବାସୀ ଭାରତୀୟ ସମ୍ମିଳନୀର ଅତିଥି ପାଇଁ ସୁବ୍ୟବସ୍ଥା ଉପରେ ଗୁରୁତ୍ୱ

**ଚଣ୍ଡିଖୋଲ,୬।୧(ପ୍ରଦୀପ୍ତ କୁମାର ପୃଷ୍ଟି):**

ଓଡ଼ିଶାରେ ହେବ ପ୍ରବାସୀ ଭାରତୀୟ ସମ୍ମିଳନୀ ଓ ଅନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀ। ସେଥିପାଇଁ ବୌଦ୍ଧ ହୀରକ ତ୍ରିଭୁଜ (ଲଳିତ ଗିରି, ଉଦୟ ଗିରି ଓ ରତ୍ନଗିରି) ଏବେ ସଜେଇ ହେଲାଣି। ଏଠାରେ ୧୫ ଶହ ବୌଦ୍ଧ ଧର୍ମାବଲମ୍ବୀ ଆସନ୍ତା ୧୨ ତାରିଖରେ ଆସି ପହଞ୍ଚିବେ। ୫ ଦିନ ଧରି ଚାଲିବ ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ। ସେଥିପାଇଁ ଯାଜପୁର ଜିଲାର ପ୍ରସିଦ୍ଧ ବୌଦ୍ଧ ପୀଠ ଉଦୟ ଗିରି ଓ ରତ୍ନଗିରି ସଜେଇ ହୋଇଛି। ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ପାଇଁ ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।


ଉଦୟଗିରିଠାରେ ପର୍ଯ୍ୟଟନ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

ସୋମବାର ରାଜ୍ୟ ଉଚ୍ଚ ଶିକ୍ଷା ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ,ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଯାଜପୁର ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ପ୍ରମୁଖ ପ୍ରଥମେ ଉଦୟଗିରିଠାରେ ପହଞ୍ଚି କାର୍ଯ୍ୟର ସମୀକ୍ଷା କରିଛନ୍ତି। ଆସିବାକୁ ଥିବା ଅତିଥିମାନେ କିପରି ରହିବେ, ସେମାନଙ୍କ ଖାଦ୍ୟ, ପାନୀୟ ଓ ପରିମଳ ସମ୍ପର୍କରେ ପଚାରି ବୁଝିଥିଲେ। ସେମାନଙ୍କର ଯେପରି କୌଣସି ଅସୁବିଧା ନ ହୁଏ ସେଥିପାଇଁ ସରକାରୀ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ସେମାନଙ୍କ ସୁରକ୍ଷା, ଗମନାଗମନ ଓ ବୌଦ୍ଧ କୀର୍ତ୍ତିରାଜି ସମ୍ପର୍କରେ ସବିଶେଷ ତଥ୍ୟ ସମ୍ପର୍କିତ ଗାଇଡ ଉପରେ ପରାମର୍ଶ ଦେଇଥିଲେ।

ଏଥି ସହିତ ପ୍ରବାସୀ ଭାରତୀୟ ସମ୍ମିଳନୀ ଆସନ୍ତା ୮ ତାରିଖରୁ ଆରମ୍ଭ ହେବ। ଏଠାକୁ ଆସୁଥିବା ଅତିଥିମାନଙ୍କ ମଧ୍ୟରେ ବହୁ ଅତିଥି ବୌଦ୍ଧ ହୀରକ ତ୍ରିଭୁଜ ବୁଲିବାକୁ ଆସିବାର କାର୍ଯ୍ୟକ୍ରମ ରହିଛି। ସେଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବା ନିମନ୍ତେ ଯାଜପୁର ଏସ୍‌ପିଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ। ପ୍ରଥମେ ଉଦୟଗିରି ବୌଦ୍ଧ ବିହାର ପରେ ରତ୍ନଗିରି ବୌଦ୍ଧ ବିହାର ପରିଦର୍ଶନ ପରେ ସେଠାକାର ସ୍ଥିତି ଅନୁଧ୍ୟାନ କରିଥିଲେ। ଖାଦ୍ୟପେୟ ସମ୍ପର୍କିତ ମେନୁ ଓ ବିଦ୍ୟୁତ ସଂଯୋଗ ସମ୍ପର୍କରେ ସମୀକ୍ଷା କରିଥିଲେ। ଏହାପରେ ଲଳିତ ଗିରି ପରିଦର୍ଶନରେ ମନ୍ତ୍ରୀ ଯାଇ ସମସ୍ତ କାର୍ଯ୍ୟର ସମୀକ୍ଷା କରିଥିଲେ। ମନ୍ତ୍ରୀଙ୍କ ସହିତ ଅତିରିକ୍ତ ଜିଲାପାଳ ଶୁଭେନ୍ଦୁ ସାମଲ ଓ ଅତିରିକ୍ତ ଏସ୍‌ପି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି ପକ୍ଷରୁ ସେମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା। ଉଦୟଗିରି, ଲଳିତ ଗିରି ଓ ରତ୍ନଗିରିକୁ ପ୍ରବାସୀ ଭାରତୀୟମାନେ ଆସିବାର କାର୍ଯ୍ୟକ୍ରମ ଥିବାରୁ ୭ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ ଅଧିକାରୀମାନେ ସଜାଗ ରହିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପ୍ରବାସୀ ଭାରତୀୟମାନେ ୮ ରୁ ୧୨ ତାରିଖ ମଧ୍ୟରେ କିଏ କେଉଁଦିନ ଆସିପାରନ୍ତି ସେଥିପାଇଁ ସମସ୍ତ ଅଧିକାରୀ ଓ ସ୍ୱେଚ୍ଛାସେବୀମାନେ ପ୍ରସ୍ତୁତ ରହିବା ପାଇଁ ଜିଲା ପ୍ରଶାସନକୁ ସଜାଗ ରହିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ବୋଲି ବିଧାୟକ ଅମର କୁମାର ନାୟକ ସୂଚନା ଦେଇଛନ୍ତି।

# ନଳିନୀ ପ୍ରଭା ଦାସଙ୍କୁ କଳାପଦ୍ମ ସମ୍ମାନ


ନଳିନୀପ୍ରଭା ଦାସଙ୍କୁ ସମ୍ମାନ ପ୍ରଦାନ କରାଯାଉଛି।

**ସିଂହପୁର,୬।୧(ଅନଙ୍ଗ ଉଦୟ ବେଉରିଆ):**

ବିଂଝାରପୁର ବ୍ଲକ ଅନ୍ତର୍ଗତ ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ, କଲ୍ୟାଣପୁରର ପ୍ରଧାନଶିକ୍ଷୟିତ୍ରୀ ନଳିନୀପ୍ରଭା ଦାସଙ୍କୁ ବାଲେଶ୍ୱରର ପଦ୍ମଲୋଚନ ପାଠାଗାର ପକ୍ଷରୁ କଳାପଦ୍ମ ସମ୍ମାନରେ ସମ୍ମାନିତ କରାଯାଇଛି । ସଭାରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ପର୍ଶୁରାମ ଧଡ଼ା ଯୋଗ ଦେବା ସହିତ ବିଶିଷ୍ଟ ନାଟ୍ୟକାର ପୁରୁଷୋତ୍ତମ ବେହେରା ସଭାପତିତ୍ୱ କରିଥିଲେ । ପଦ୍ମଲୋଚନ ପାଠାଗାରର ସମ୍ପାଦିକା ନିର୍ମଳା ମହାକୁଡ଼ ନଳିନୀପ୍ରଭାଙ୍କ କଳାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଶଂସା କରିଥିଲେ । ମା'ଯଶୋଦା କଳା ପରିଷଦର ସମ୍ପାଦକ ଦିନେଶ କୁମାର ମଲିକ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ନଳିନୀପ୍ରଭାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସମସ୍ତ ହିତାଧିକାରୀଙ୍କ ଭତ୍ତା ବୃଦ୍ଧି ହେଉ

## ବରିଷ୍ଠ ନାଗରିକ ସଂଘର ଦାବି ତେଜିଲା

**ରସୁଲପୁର,୬।୧(ରଞ୍ଜିତ ରାଉତ):**

ରାଜ୍ୟ ସରକାର ୮୦ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ଭତ୍ତା ବୃଦ୍ଧିକରିବାକୁ ଘୋଷଣା କରିଛନ୍ତି। ହେଲେ ଏହାକୁ ଯାଜପୁର ଜିଲା ରସୁଲପୁର ବ୍ଲକର ମା' ହେଙ୍ଗୁଳା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବିରୋଧ କରାଯାଇଛି। ବରଂ ସମସ୍ତ ହିତାଧିକାରୀଙ୍କ ଭତ୍ତା ବୃଦ୍ଧି କରାଯାଉ ବୋଲି ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଦାବି କରାଯାଇଛି।

ବରିଷ୍ଠ ନାଗରିକ ସଂଘ କର୍ମକର୍ତ୍ତା କହିଛନ୍ତି, ସରକାର ଭତ୍ତା ହିତାଧିକାରୀଙ୍କ ମଧ୍ୟରେ ଭେଦଭାବ ସୃଷ୍ଟି ନ କରନ୍ତୁ। ସମସ୍ତ ହିତାଧିକାରୀଙ୍କ ଭତ୍ତା ବୃଦ୍ଧି ଘଟିଲେ ରାଜ୍ୟରେ ନୂଆ ଜାଗରଣ ସୃଷ୍ଟି କରିବ। ଏଥିପାଇଁ ଭାଜପା ପକ୍ଷରୁ ସାଧାରଣ ନିର୍ବାଚନ ସମୟରେ ଘୋଷଣା କରାଯାଇଥିଲା। ଭାଜପା କ୍ଷମତାକୁ ଆସିଲେ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ପାଉଥିବା ହିତାଧିକାରୀମାନଙ୍କ ଭତ୍ତା ୩ ହଜାର ଟଙ୍କାକୁ ବୃଦ୍ଧି କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ସରକାର ଗଠନ ପରେ ଦଳ ତାର ପ୍ରତିଶ୍ରୁତି ଭୁଲି ଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସଂଘର ସଭାପତି କୃଷ୍ଣ ଚନ୍ଦ୍ର ସାହୁ, ସମ୍ପାଦକ ନଟବର ସେଠୀ କହିଛନ୍ତି। ସରକାରଙ୍କ ଏଭଳି ପାତରଅନ୍ତର ନୀତିକୁ ସଂଘ ପକ୍ଷରୁ ଆୟୋଜିତ ବୈଠକରେ ସମାଲୋଚନା କରାଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦର ବୃଦ୍ଧି ଘଟିଛି। ହିତାଧିକାରୀଙ୍କୁ ମିଳୁଥିବା ଭତ୍ତା ସେମାନଙ୍କ ଔଷଧ ଖର୍ଚ୍ଚକୁ ସମୁଦ୍ରକୁ ଶଙ୍ଖେ ଭଳି ହେଉଛି। ଏଭଳି ସ୍ଥିତିରେ ଭତ୍ତା ରାଶି ବୃଦ୍ଧି ଉପରେ ସମସ୍ତେ ଗୁରୁତ୍ୱ ଦେଇଛନ୍ତି। ସରକାର ଏହି ନିଷ୍ପତ୍ତିର ପୁନଃର୍ବିଚାର ନ କଲେ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଏମ୍‌ଜିଏନ୍‌ଆରଇଜିଏସ୍ ଅର୍ଥ ଆତ୍ମସାତ୍

**ସିଂହପୁର,୬।୧(ଅନଙ୍ଗ ଉଦୟ ବେଉରିଆ):**

## ବିଡିଓଙ୍କ ଦ୍ୱାରସ୍ଥ ହେଲେ ହିତାଧିକାରୀ

ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଏମ୍‌ଜିଏନ୍‌ଆରଇଜିଏସ୍ ଅର୍ଥ ଆତ୍ମସାତ୍ ଘଟଣାରେ ଓଳେଇଚନ୍ଦନପୁର ଗ୍ରାମପଞ୍ଚାୟତର ୪,୫,ନଂ.ୱାର୍ଡ଼ ହିତାଧିକାରୀ ସୋମବାର ବିଡିଓଙ୍କ ଦ୍ୱାରସ୍ଥ ହୋଇଥିଲେ । ଜିଆରଏସ୍ ଏବଂ ପିଇଓଙ୍କୁ ବାରମ୍ବାର ନିବେଦନ କଲାପରେ ମଧ୍ୟ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଯାଇଛି ବୋଲି କହିଥିଲେ । ହିତାଧିକାରୀମାନେ ବ୍ୟାଙ୍କ ଦୌଡିନୟାନ୍ତ ହେଲା ପରେ ବିଡିଓଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ଅଭିଯୋଗ ଅନୁଯାୟୀ, ଜଣଙ୍କ ଆଧାରରେ ଅନ୍ୟଜଣଙ୍କ କାର୍ଯ୍ୟାଦେଶ ମିଳିଛି । ମାନସୀ ଦାସ ପିତା, ବାବାଜୀ ଦାସ ସ୍ଥାନରେ ମାନସୀ ଦାସ ପିତା-ଗୋପାଳ ଦାସ ପଡିଛି । ଗୋପାଳ ଦାସ ମାନସୀଙ୍କ ଦିଅର ହିସାବ ହେବେ । କମଳା ସେଠୀଙ୍କ ମଜୁରୀ ବାବଦ ଅର୍ଥ ଆସିବ ନାହିଁ ବୋଲି ଜିଆରଏସ୍ କହୁଥିବା ବେଳେ ସେହି ଟଙ୍କା ଉଠିସାରିଛି । ଲକ୍ଷ୍ମୀପ୍ରିୟା ଦାସ ଆଜକୁ ୧୩ ବର୍ଷ ହେବ ରୋଗରେ ପଡିଥିବା ବେଳେ ଏମ୍‌ଜିଏନ୍‌ଆରଇଜିଏସ୍ ଟଙ୍କା ମିଳିବା ଅନିଶ୍ଚିତତା ମଧ୍ୟରେ ରହିଛି । ସାଗରିକା ଦାସଙ୍କ ଅର୍ଥ ଆଦୌ ମିଳିନାହିଁ ବୋଲି ଶୁଣିବାକୁ ମିଳୁଛି । ନିର୍ମଳା ଦାସଙ୍କ କାର୍ଯ୍ୟାଦେଶ ବାହାରୁ ନାହିଁ । ମଲି ମଲିକଙ୍କ ଏମ୍‌ଜିଏନ୍‌ଆରଇଜିଏସ୍ ଟଙ୍କା ଉଠିଥିଲେ ମଧ୍ୟ ତାହା ବାଟମାରଣା ହୋଇଛି ବୋଲି ଦର୍ଶାଯାଇଛି । ଏହି ଦୁର୍ନୀତିରେ କେଉଁମାନଙ୍କ ହାତ ଅଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏମ୍‌ଜିଏନ୍‌ଆରଇଜିଏସ୍ ଦୁର୍ନୀତି ଓଳେଇଚନ୍ଦନପୁର ଗ୍ରାମପଞ୍ଚାୟତର ପିଛା ଛାଡୁନି । ବିଗତ ଦିନରେ ଚାରା ରୋପଣ ବାବଦରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା । ଏହାପରେ କେନ୍ଦ୍ରୀୟ ଦଳ ତଦନ୍ତ କରି ଫେରିଛନ୍ତି। ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆମେ କୋର୍ଟର ଦ୍ୱାରସ୍ଥ ହେବୁ ବୋଲି ଗ୍ରାମବାସୀ କହିଛନ୍ତି ।

# ୟୁନିକ୍ ଇଲେଭେନ ଟିମ୍ ଚାମ୍ପିୟନ



ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ଓ ଚେକ୍ ପ୍ରଦାନ କରୁଛନ୍ତି।

**ଝୁମ୍ପୁରୀ,୬।୧(ସରୋଜ ନାୟକ):**

## ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତ ସାଧୁଗୌରେଶ୍ୱର ମହାବିଦ୍ୟାଳୟ ପଡ଼ିଆରେ ଜ୍ୟୋତିରଞ୍ଜନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୪ ତମ ରାଜ୍ୟସ୍ତରୀୟ ଜ୍ୟୋତିରଞ୍ଜନ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ପଞ୍ଚୁପାଣ୍ଡବ କ୍ରିକେଟ୍ ଟିମ କେନ୍ଦ୍ରାପଡ଼ା ଓ ୟୁନିକ ଇଲେଭେନ କ୍ରିକେଟ୍ ଟିମ ଯାଜପୁର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିଣି ୟୁନିକ ଇଲେଭେନ ନିର୍ଦ୍ଧାରିତ ୧୮ ଓଭରରେ ୬ ଉଇକେଟ ହରାଇ ୧୮୨ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ପଞ୍ଚୁପାଣ୍ଡବ କ୍ରିକେଟ ଟିମ ୧୮ ଓଭରରେ ୬ ଉଇକେଟ ହରାଇ ୧୫୩ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଉକ୍ତ ମ୍ୟାଚ୍‌କୁ ସୁମନ୍ତ କୁମାର ମହାପାତ୍ର ଓ ଚିତ୍ତରଞ୍ଜନ ବଳ ପରିଚାଳନା କରିଥିଲେ। ଜ୍ୟୋତିପ୍ରକାଶ ସାମଲ, ଉମେଶ ଭଞ୍ଜ ଓ ଦୀପକ ମହାପାତ୍ର ଭାଷ୍ୟକାର ଦାୟିତ୍ୱ ତୁଲାଇ ଥିଲେ। ଟୁର୍ନାମେଣ୍ଟରେ ଏମ୍‌ଡି ଡାନିସ ମ୍ୟାନ ଅଫ୍ ଦ ମ୍ୟାଚ,ମନୋରଞ୍ଜନ ଦାସ ମ୍ୟାନ ଅଫ୍ ଦ ସିରିଜ ଓ ବେଷ୍ଟ ବ୍ୟାଟ୍ସ ମ୍ୟାନ , ଅଙ୍କିତ ସୋଲାନିକା ବେଷ୍ଟ ବୋଲର, ଦିପୁନି ମହାପାତ୍ର ବେଷ୍ଟ ଉଇକେଟ କିପର, ଏମ୍‌କେ ଆରିଫ ବେଷ୍ଟ ଫିଲଡର ଭାବେ ଯୋଗ୍ୟ ବିବେଚିତ ହୋଇଥିଲେ । ଶେଷରେ ଏକ ପୁରସ୍କାର ବିତରଣ ସଭା କ୍ଲବର ସଭାପତି ତଥା କନିକାପଡା ପଞ୍ଚାୟତର ସରପଞ୍ଚ ପ୍ରଦୀପ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯାଜପୁର ଏମ୍‌ପି ରବୀନ୍ଦ୍ର କୁମାର ବେହେରା, ମୁଖ୍ୟବକ୍ତା ଯାଜପୁର ଜିଲା ଭାଜପା ସଭାପତି ଗୌତମ ରାୟ, ସମ୍ମାନିତ ଅତିଥି ସାଧୁଗୌରେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନିକୁଞ୍ଜ ବିହାରି ମହାପାତ୍ର, ପ୍ରଫେସର ସୁଧାଂଶୁ ଶେଖର ଦାସ,ଅବସରପ୍ରାପ୍ତ ଶିକ୍ଷକ ଅଭିମନ୍ୟୁ ବାଇ ପ୍ରମୁଖ ଯୋଗଦେଇଥିଲେ। କ୍ଲବର ସମ୍ପାଦକ ପଞ୍ଜାବ କେଶରୀ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନଙ୍କ ଦ୍ୱାରା ବିଜୟୀ ଯାଜପୁର ଟିମକୁ ଟ୍ରଫି ସହ ନଗଦ ୨୦ ହଜାରେ ଟଙ୍କା ଓ ରନର୍ସ ଅପ୍ ଟିମକୁ ଟ୍ରଫି ସହ ନଗଦ ୧୦ ହଜାରେ ଟଙ୍କା ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟ ପରିଚାଳନାରେ କ୍ଲବର ବରିଷ୍ଠ ସଭ୍ୟ ରାକେଶ କୁମାର ସାହୁ, କୈଳାସ ଚନ୍ଦ୍ର ସାହୁ, ମନୋରଞ୍ଜନ ବାଇ, ନରେଶ ରାଉତ, ଗୌତମ ମହାପାତ୍ର, ଆୟସକାନ୍ତ ସାହୁ, ଜ୍ଞାନରଞ୍ଜନ ସାମଲ ପ୍ରମୁଖ ସହଯୋଗ କରିଥିଲେ।

# ଗୋକର୍ଣ୍ଣିକା ନବବର୍ଷ ବିଶେଷାଙ୍କ ଉନ୍ମୋଚନ

**ଧର୍ମଶାଳା,୬।୧(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ଅଞ୍ଚଳରୁ ପ୍ରକାଶ ପାଉଥିବା ଗୋକର୍ଣ୍ଣିକା ପତ୍ରିକାର ନବବର୍ଷ ବିଶେଷାଙ୍କ ଭୁବନେଶ୍ୱରସ୍ଥିତ କିଟ୍ ପରିସରରେ ସୋମବାର ଉନ୍ମୋଚିତ ହୋଇଯାଇଛି । ଗୋକର୍ଣ୍ଣିକାର ମୁଖ୍ୟ ସମ୍ପାଦକ ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କିସ୍‌ର ପ୍ରଫେସର ବିଜୟାନନ୍ଦ ସିଂହ ଯୋଗଦେଇ ପ୍ରତ୍ୟେକ ସାହିତ୍ୟିକ ସତ୍ୟ ସହିତ ଅଙ୍ଗୀକାରବଦ୍ଧ ହୁଅନ୍ତୁ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ପ୍ରଫେସର ବିଜୟ କୁମାର ଶତପଥୀ ଯୋଗଦେଇ ଗୋକର୍ଣ୍ଣିକା ପତ୍ରିକା ଗ୍ରାମାଞ୍ଚଳରେ ପ୍ରକାଶ ପାଇ ସମୟକ୍ରମେ ଗ୍ରାମଠାରୁ ସହରଯାଏ ବିସ୍ତାରିତ ହୋଇଯାଇଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଔପନ୍ୟାସିକ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ଜିଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସାହିତ୍ୟିକ ଡକ୍ଟର ସୂର୍ଯ୍ୟମଣି ଖୁଣ୍ଟିଆ ଯୋଗଦେଇ ସାହିତ୍ୟ ହିଁ ଜିଇବାର ଅସଲ କଳା ଶିଖାଇଥାଏ ବୋଲି କହିଥିଲେ। ପତ୍ରିକାର ସମ୍ପାଦକ ଡକ୍ଟର ଅମୃତ ରଞ୍ଜନ ଜେନା ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦନା ମଣ୍ଡଳୀ ସଦସ୍ୟ ଡ. ତୁହିନାଂଶୁ ରଥ ଅତିଥି ପରିଚୟ ଦେଇଥିଲେ । ସମ୍ପାଦକ ମହେଶ୍ୱର ପାଢ଼ୀ, ଡ. ଲୋପାମୁଦ୍ରା ସାମଲ ଉତ୍ସବ ପରିଚାଳନା କରିଥିବାବେଳେ ଡ. ସସ୍ମିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।




# ଫାଇନାଲରେ ଇଲେଭେନ ଷ୍ଟାର ଟିମ୍


ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

**ଯାଜପୁର ଟାଉନ ୬।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି) :**

## ଅଶୋକ ଦାସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

ଯାଜପୁର ସହରର କୁସୁମା ପଡ଼ିଆରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ୧୬ତମ ଅଶୋକ ଦାସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ୟୁନିୟନ୍ ସ୍ପୋର୍ଟିଂ, କଟକ ଓ ଇଲେଭେନ ଷ୍ଟାର, ଯାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଇଲେଭେନ ଷ୍ଟାର, ଯାଜପୁର ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ୟୁନିୟନ୍ ସ୍ପୋର୍ଟିଂ, ନିର୍ଦ୍ଧାରିତ ୩୦ଓଭର ମଧ୍ୟରୁ ୨୯.୫ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୮୦ ରନ୍ ସଂଗ୍ରହ କରିଥିଲା। ଦଳପକ୍ଷରୁ ଜ୍ୟୋତି ରଞ୍ଜନ ଦଳାଇ ୪୦ ରନ୍ ସଂଗ୍ରହ କରିଥିବା ବେଳେ ବିନାୟକ ସାହୁ ୩୦ରନ୍ ସଂଗ୍ରହ କରିଥିଲେ। ଇଲେଭେନ ଷ୍ଟାରର ବୋଲର ଶାନ୍ତନୁ ଦାସ ୫ ଓଭର ବୋଲିଂ କରି ୪୩ ରନ୍ ଦେଇ ୪ଟି ଉଇକେଟ୍ ଅକ୍ତିଆର କରିଥିବାବେଳେ ରଜନୀକାନ୍ତ ଦାସ ୬ ଓଭର ବୋଲିଂ କରି ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଏହାର ଜବାବରେ ଇଲେଭେନ ଷ୍ଟାର ୨୨.୧ ଓଭର ଖେଳି ୪ ଉଇକେଟ୍ ହରାଇ ୧୮୩ ରନ୍ ସଂଗ୍ରହ କରି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। ଦଳ ପକ୍ଷରୁ ଅମିନ ଇକବାଲ ଖାନ୍ ୧୦୫ରନ୍ ସଂଗ୍ରହ କରି ଅପରାଜିତ ଥିବାବେଳେ, ଶାନ୍ତନୁ ଦାସ ୬୮ରନ୍ ସଂଗ୍ରହ କରିଥିଲେ। ଆଜିର ଏହି ମ୍ୟାଚରେ ଇଲେଭେନ ଷ୍ଟାରର ଶାନ୍ତନୁ ଦାସଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା । ଯାଜପୁର ସହରର ଡ଼ିଜିଟାଲ ୱାର୍ଲ୍ଡର ମାଲିକ ତଥା ମେଲବୋର୍ଣ୍ଣ କ୍ରିକେଟ ଟିମ୍ ପୂର୍ବତନ କ୍ରିକେଟିୟର ସଚ୍ଚିଦାନନ୍ଦ ଜେନା ତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ମ୍ୟାଚ୍‌କୁ ମେଲବୋର୍ଣ୍ଣ କ୍ରିକେଟ୍ କ୍ଲବର ସଭାପତି ଅଭୟ ବଲ୍ଲଭ ପଣ୍ଡା, ଶ୍ରୀଜୟ ମହାପାତ୍ର,ଜଗନ୍ନାଥ ବେହେରା, ବିଶ୍ୱଜିତ୍ ଦାସ, ସ୍ୱସ୍ତିକ ପହି, ଅନିଲ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ମ୍ୟାଚ୍‌କୁ ଅମ୍ପାୟାର ଲଲାଟ କେଶରୀ ନନ୍ଦ ଓ ରଞ୍ଜନ ମହାନ୍ତି ପରିଚାଳନା କରିଥିଲେ। ସ୍କୋରର ଭାବେ କିରଣ ମନୋହର ମହାନ୍ତି ଏବଂ ଜ୍ୟୋତିପ୍ରକାଶ ମହାପାତ୍ର ଥିଲେ ।

# ଶିଶୁ ଉତ୍ସବ ଛାତ୍ରୀଛାତ୍ରଙ୍କୁ ଆଗକୁ ବଢ଼ିବାକୁ ବାଟ ଦେଖାଏ

**ରସୁଲପୁର,୬।୧(ରଞ୍ଜିତ ରାଉତ):**

## ରସୁଲପୁର ବ୍ଲକରେ ୨୯ତମ ଶିଶୁ ଉତ୍ସବ

ଯାଜପୁର ଜିଲା ରସୁଲପୁର ବ୍ଲକ ନିମ୍ନମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ୨୯ତମ ଶିଶୁ ଉତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଛି। ଏହି ବ୍ଲକ ଅଧୀନ ମୁଗୁପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ସଂଘର ସଭାପତି ଅରୁଣ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ପ୍ରଥମ ଅଧିବେଶନରେ ଉଦ୍‌ଘାଟକ ଭାବେ ମୁଗୁପାଳ ସରପଞ୍ଚ ପ୍ରଜ୍ଞାପରମିତା ମଲିକ ସଂଘର ପତାକାକୁ ଉତ୍ତୋଳନ କରିଥିଲେ। ମୁଖ୍ୟ ଅତିଥି ଭାବେ ରସୁଲପୁର ମଣ୍ଡଳ ଶିକ୍ଷାଧିକାରୀ ନିଳାମ୍ବର ମିଶ୍ର, ମୁଖ୍ୟବକ୍ତା ଯାଜପୁର ଜିଲା ଓଷ୍ଟା ସଂଘର ସଭାପତି ସୁନନ୍ଦ କୁମାର ରାଉତ, ସମ୍ମାନିତ ଅତିଥି ବ୍ଲକ ସହକାରୀ ଶିକ୍ଷାଧିକାରୀ ପ୍ରଭଞ୍ଜନ ପତି, ଅରୁଣ କୁମାର ସେଠୀ, ଶାନ୍ତିଲତା ରାଉତ, ଶିଶୁ ମେଳାର ପ୍ରତିଷ୍ଠାତା ଶିକ୍ଷାବିତ୍ ବୈରାଗୀ ଚରଣ ଘଡେଇ, ସଂଘର ପ୍ରାକ୍ତନ ଜିଲା ସମ୍ପାଦକ ଗଗନ ବିହାରୀ ଜେନା, ସଭାପତି ପ୍ରମୋଦ ପ୍ରଧାନ, ସମ୍ପାଦକ ସୁଭାସ ଚନ୍ଦ୍ର ପାଢ଼ୀ, ଜିଲା କୋଷାଧ୍ୟକ୍ଷ ଦେବକୀ ପାତ୍ର, ସିଆରସିସି ବୈଜୟନ୍ତୀ ସାହୁ ପ୍ରମୁଖ ଯୋଗଦେଇ ଶିଶୁ ଉତ୍ସବ ଛାତ୍ରୀଛାତ୍ରଙ୍କୁ ଆଗକୁ ବଢ଼ିବାର ବାଟ ଦେଖାଏ ବୋଲି କହିଥିଲେ।

ଉତ୍ସବରେ ଯୋଗଦେଇ ଥିବା ପ୍ରତିଯୋଗୀମାନଙ୍କୁ ନେଇ ପ୍ରବନ୍ଧ, ତର୍କ, ସଙ୍ଗୀତ, ଚିତ୍ରାଙ୍କନ, ସାଧାରଣଜ୍ଞାନ, ସୁନ୍ଦର ହସ୍ତାକ୍ଷର, ଗଣିତ, କୁହୁକ ଓ ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୫ଟି ବର୍ଗରେ ବିଭକ୍ତ କରାଯାଇ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଯାଜପୁର ଏମ୍‌ପି ଡ଼ ରବିନ୍ଦ୍ର ନାରାୟଣ ବେହେରା ଉଦ୍‌ଘାଟକ, ମୁଖ୍ୟ ଅତିଥି କୋରେଇ ବିଧାୟକ ଆକାଶ ଦାସନାୟକ, ମୁଖ୍ୟବକ୍ତା ଓଲଷ୍ଟାର ରାଜ୍ୟ ସମ୍ପାଦକ ସୁକାନ୍ତ ବେହେରା, ବିଶିଷ୍ଟ ବକ୍ତା ମାଳିକା ବିଶାରଦ ବିଭୂତି ଭୂଷଣ ପାଳ, ସମ୍ମାନିତ ଅତିଥି ଓଲଷ୍ଟା ରାଜ୍ୟ ସଂଘ ସଭାପତି ବିକ୍ରମ ଦାସ, ଉପ-ସଭାନେତ୍ରୀ ନିର୍ମଳ ପଣ୍ଡା, ଏଆଇଏଫଟିଓ ରାଷ୍ଟ୍ରୀୟ ସମ୍ପାଦକ ସରୋଜ କୁମାର ପଣ୍ଡା, ବ୍ଲକ ଉପ-ସଭାପତି ନିଳମଣି ଲେଙ୍କା, ଶିକ୍ଷକ ନେତା ବିଜୟ କୁମାର ଭଦ୍ର, ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହମୟୀ ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ସଙ୍ଗୀତ ଗୁରୁ ପ୍ରମୋଦ ଦାଶ, ଶିକ୍ଷା କର୍ମଚାରୀ ହିମାଂଶୁ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଓ ୨୦୨୩-୨୪ ଶିକ୍ଷାବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ପାଇଥିବା ଶ୍ରେଷ୍ଠ ୫ଜଣ ବିଦ୍ୟାର୍ଥୀଙ୍କୁ ପ୍ରମାଣପତ୍ର ଓ ଆର୍ଥିକ ପରୁସ୍କାର ପ୍ରଦାନ କରାଯାଇଥିଲା। ସାମଗ୍ରିକ ସଫଳତାକୁ ବିଚାରକୁ ନିଆଯାଇ ମଧୁବନ ହାଇସ୍କୁଲ, ମୁଗୁପାଳ ହାଇସ୍କୁଲ, କୃଷ୍ଣପଡ଼ା ଉନ୍ନିତ ମଧ୍ୟ ଇଂରାଜୀ ବିଦ୍ୟାଳୟ, ନରସିଂହପୁର ଉ.ପ୍ରା. ବିଦ୍ୟାଳୟକୁ ରବିନ୍ଦ୍ର ଦାଶରଥୀ ମେମୋରିଆଲ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିସହ ମେଳାରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସଂଘର ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ରବିନ୍ଦ୍ର ମିଶ୍ର ବେଦପାଠ, ଶିକ୍ଷକନେତା ପ୍ରଦୀପ କୁମାର ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହ-ସମ୍ପାଦକ ଅବିନାଶ ଆଏଚ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଶ୍ୟାମ ସୁନ୍ଦର ଦାସ, ରାଜେନ୍ଦ୍ର ନାରାୟଣ ସାହୁ, ରବିନ୍ଦ୍ର ମହାନ୍ତି, ଇନ୍ଦ୍ରମଣି ରାଉତ, ଅଶୋକ ରାଉତ, ଚନ୍ଦ୍ରକାନ୍ତ ରଥ, ଗୋବିନ୍ଦ ଦ୍ୱିବେଦୀ, ସୌମ୍ୟଜିତ୍ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।



ଶିଶୁ ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

## ଶ୍ରୀ ସତ୍ୟସାଇ ବାବାଙ୍କ ପାଦୁକା ଯାତ୍ରା ପ୍ରସ୍ତୁତି ବୈଠକ

ରାଜନଗର, ୬ା୧ (ଭାସ୍କର ରାଉତରାୟ)

ରାଜନଗର ନିର୍ବାଚନମଣ୍ଡଳୀ ନିମପୁର ଶାସନସ୍ଥିତ ଶ୍ରୀସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ଶ୍ରୀସତ୍ୟସାଇ ବାବାଙ୍କ ପାଦୁକା ଯାତ୍ରା ପରିକ୍ରମା କାର୍ଯ୍ୟକ୍ରମ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ବ୍ଲକର ନାଥପୁରସ୍ଥିତ ଶ୍ରୀଅଷ୍ଟଶମ୍ଭୁ ମହାଦେବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଜିଲା ସଭାପତି ଉମେଶ ଚନ୍ଦ୍ର ନାୟକ, ପୂର୍ବତନ ସଭାପତି ଚନ୍ଦ୍ରମଣି ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶ୍ରୀସତ୍ୟସାଇ ସେବା ସଙ୍ଗଠନ ଓଡ଼ିଶା ପାଦୁକା ଯାତ୍ରା କାର୍ଯ୍ୟ ନିର୍ବାହକ ସୁବ୍ରତ କୁମାର ରାଉତ, ଜିଲା ପାଦୁକା ଯାତ୍ରା ନିର୍ବାହକ ପ୍ରିୟରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ଯାତ୍ରାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସରପଞ୍ଚ ସସ୍ମିତା ମହାନ୍ତି, ଗୋଲେଖ ଚନ୍ଦ୍ର ସ୍ୱାଇଁ, ଅଶୋକ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଏହି ଶୁଭକାର୍ଯ୍ୟରେ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଫେବୃଆରୀ ୨ ତାରିଖରେ ଶ୍ରୀପଞ୍ଚମୀ ଅବସରରେ ଏହି ପାଦୁକା ଯାତ୍ରା ସମଗ୍ର ଜିଲା ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି।

# ଧାନ କୁଇଣ୍ଟାଲ ୧୮ ଶହ ଟଙ୍କାରେ ବିକ୍ରି

**ବେଡ଼ାରୀ, ପଦ୍ମପୁର ପଞ୍ଚାୟତ**

- ମଣ୍ଡି ଖୋଲିନି କି ଚାଷୀଙ୍କୁ ଟୋକନ ମିଳିନି
- ବେଡାରୀ ପାକ୍ସରେ ଧାନ ଚାଷ ଋଣୀଙ୍କ ସଂଖ୍ୟା ୭୯୯

ପାଟକୁରା, ୬ା୧ (ରବୀନ୍ଦ୍ର ନାଥ ବାରିକ)


ବେଡାରୀ ଧାନ କ୍ଷେତରେ ବେପାରୀ ମେଶିନରେ ଧାନ ଓଜନ କରି ନେଉଛନ୍ତି।

ଗରଦପୁର ବ୍ଲକ ଅଧୀନ ବେଡାରୀ ସେବା ସମବାୟ ସମିତି(ପାକ୍ସ) ଅଞ୍ଚଳରେ ଧାନର ଅଭାବୀ ବିକ୍ରି ଚାଲିଛି। ଚାଷୀମାନେ ବେପାରୀଙ୍କୁ ଧାନ କୁଇଣ୍ଟାଲ ପିଛା ୧୮ଶହ ଟଙ୍କାରେ ବିକ୍ରୟ କରୁଛନ୍ତି। ଏଥି ସହିତ ସମସ୍ତ ବ୍ଲକ ଅଞ୍ଚଳରେ ମଧ୍ୟ ଅଭାବୀ ବିକ୍ରି ଚାଲିଛି। ବେଡାରୀ ପାକ୍ସରେ ଧାନ ମଣ୍ଡି ଖୋଲିନି କିମ୍ବା କେଉଁ ଚାଷୀ କେତେ ପରିମାଣର ଧାନ କେଉଁ ତାରିଖରେ ମଣ୍ଡିରେ ବିକ୍ରି କରିବେ ସେ ବାବଦରେ ଚାଷୀଙ୍କୁ ଏ ପର୍ଯ୍ୟନ୍ତ ଟୋକନ ମିଳିନାହିଁ। ଧାର କରଜ କରି ଧାନ ଚାଷ କରିଥିବା ଚାଷୀ କରଜ ଶୁଝିବା ପାଇଁ ବାଧ ହୋଇ କମ୍ ଦରରେ ଜମିରେ ବେପାରୀଙ୍କୁ ବିକ୍ରୟ କରୁଛନ୍ତି। ଫଳରେ ଚାଷୀ କୁଇଣ୍ଟାଲ ପିଛା ସରକାରୀ ଦରରେ ୧୩୦୦ଟଙ୍କା କ୍ଷତି ସହିବାକୁ ବାଧ ହେଉଛନ୍ତି। ସରକାର ଧାନ କୁଇଣ୍ଟାଲ ପିଛା ୩୧୦୦ଟଙ୍କାରେ ଚାଷୀଙ୍କଠାରୁ ମଣ୍ଡି ମାଧ୍ୟମରେ କିଣିବା ପାଇଁ ଘୋଷଣା କରିବା ପରେ ଚାଷୀଙ୍କ ମଧ୍ୟରେ ଆଗ୍ରହ ବଢ଼ିଗଲା। ସେମାନେ ଧାର କରଜ କରି ଅଧିକ ଲାଭ ପାଇବା ଆଶାରେ ଧାନ ଚାଷ କରିଥିଲେ। ପାଣି ପାଗ ମଧ୍ୟ ଅନୁକୂଳ ହେବାରୁ ଧାନ ଅମଳ ଅଧିକ ହେଲା। କିନ୍ତୁ ସରକାରଙ୍କ ଟାଳଟୁଳ ନୀତି ଯୋଗୁ ମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ ହେତୁ ଚାଷୀ କରଜ ଶୁଝିବାକୁ ଅଭାବୀ ଧାନ ବିକ୍ରିର ଶିକାର ହେଉଛନ୍ତି। ଚଳିତ ଖରିଫ ଋତୁରେ ବେଡାରୀ ପାକ୍ସ ଅଧୀନରେ ଥିବା ବେଡାରୀ, ପଦ୍ମପୁର ପଞ୍ଚାୟତ ଓ ପାଟକୁରା ପଞ୍ଚାୟତର ଯମୁନାବାଦ ଗ୍ରାମର ସମୁଦାୟ ୭୯୯ ଚାଷୀଙ୍କୁ ଖରିଫ ଧାନ ଫସଲ ପାଇଁ କୃଷି ଋଣ ଦିଆଯାଇଥିଲା। ହେଲେ ବିଭିନ୍ନ ସରକାରୀ କଟକଣାର ଆଳ ଦେଖାଇ ମାତ୍ର ୨୦୯ଜଣଙ୍କୁ ଧାନ ମଣ୍ଡିରେ ଧାନ ବିକ୍ରୟ କରିବା ପାଇଁ ପଞ୍ଜୀକୃତ କରାଯାଇଥିଲା। ଏଣୁ ୫୯୦ଜଣ ଚାଷୀ ବାଦ ପଡ଼ିଥିଲେ। ଫଳରେ ୫୯୦ଜଣ ଚାଷୀ ଧାନ ବିକ୍ରି କରିବାରେ ସରକାରୀ ସୁବିଧା ପାଇ ପାରିବେ ନାହିଁ। ମଣ୍ଡି ଖୋଲାରେ ଅଧିକ ବିଳମ୍ବ ହେଲେ ସେତେବେଳକୁ ସମସ୍ତ ଚାଷୀଙ୍କ ହାତରୁ ବେପାରୀମାନଙ୍କ ହାତକୁ ଧାନ ଚାଲି ଯାଇଥିବ। ସରକାରୀ ଧାନ ମଣ୍ଡିର ଫାଇଦା ଚାଷୀ ପାଇବା ବଦଳରେ ବେପାରୀ ପାଇବେ। ଏଣୁ ତୁରନ୍ତ ବେଡାରୀ ପାକ୍ସ ସମେତ ଗରଦପୁର ବ୍ଲକ ଅଞ୍ଚଳରେ ଥିବା ସମସ୍ତ ସମିତିରେ ଧାନ ମଣ୍ଡି ଖୋଲିବାକୁ ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜ ଦାବି କରିଛନ୍ତି।

## ପ୍ରଶାସନିକ ଶୁଣାଣି ଶିବିରରେ ୧୪୮ ଅଭିଯୋଗ


ପ୍ରଶାସନିକ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

କେନ୍ଦ୍ରାପଡ଼ା, ୬ା୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହରର ଟାଉନ ହଲ୍‌ଠାରେ ପ୍ରଶାସନିକ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଥିଲା। ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୧୪୮ ଅଭିଯୋଗ ଆସିଥିଲା। ଏଥିମଧ୍ୟରୁ ୧୩୬ଟି ଅଭିଯୋଗ ବ୍ୟକ୍ତିଗତ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଆବାସ ଯୋଜନା, ଭତ୍ତା, ରାଶନ କାର୍ଡ, ଚିକିତ୍ସା ସହାୟତା ଥିଲା। ସେହିପରି ୧୨ଟି ସାମୂହିକ ଅଭିଯୋଗରେ ଜମି ବିବାଦ, ପାନୀୟ ଜଳ, ରାଶନ ସାମଗ୍ରୀ ଯୋଗାଣ, ଶିକ୍ଷା ବ୍ୟବସ୍ଥା, କ୍ଷେତକୁ ଜଳ ପରିଚାଳନା, ଗ୍ରାମ୍ୟ ରାସ୍ତା ଜବରଦଖଲ ଆଦି ରହିଥିଲା। ଶୁଣାଣି ସମୟରେ କେତେଗୋଟି ସମସ୍ୟାର ସମାଧାନ ହୋଇଥିବା ବେଳେ ଅବଶିଷ୍ଟକୁ ୭ ଦିନ ମଧ୍ୟରେ ସମାଧାନ ପାଇଁ ଜିଲାପାଳ ପ୍ରଧାନ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ରେଡକ୍ରସରୁ ସହାୟତା ଓ ସାମାଜିକ ସୁରକ୍ଷା ପାଇଁ ୧୫ଜଣଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରାଯାଇଥିଲା। ଶିବିରରେ ଏସ୍‌ପି ସିଦ୍ଧାର୍ଥ କାଟାରିଆ, ଏଡିଏମ୍ ନିଲୁ ମହାପାତ୍ର, ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଉପଜିଲାପାଳ ଅଶୋକ କୁମାର ଦାସ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରୂପାଲି ପ୍ରିୟଦର୍ଶିନୀ, ସିଏସଓ ଶ୍ରୀନିବାସ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ସାମିଲ ହୋଇଥିଲେ।

## ସଂଶୋଧିତ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ



କେନ୍ଦ୍ରାପଡ଼ା, ୬ା୧ (ଜଗନ୍ନାଥ ଧଳ)

- ଜିଲାରେ ମୋଟ ୧୨,୮୬,୮୦୧ ଭୋଟର
- ନୂତନ ଭାବେ ୧୨,୮୩୪ ଜଣଙ୍କ ନାମ ପଞ୍ଜୀକୃତ

କେନ୍ଦ୍ରାପଡ଼ା ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ସଂଶୋଧିତ ଚୂଡ଼ାନ୍ତ ଭୋଟର ତାଲିକା ସୋମବାର ପ୍ରକାଶ ପାଇଛି। ଭୋଟର ପଞ୍ଜୀକରଣ ଅଧିକାରୀ ତଥା ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଜାନୁଆରୀ ୧ ତାରିଖ ସୁଦ୍ଧା ଜିଲାର ମୋଟ ୧୨,୮୬,୮୦୧ ଜଣ ଭୋଟରଙ୍କ ନାମ ପଞ୍ଜୀକୃତ ହୋଇଛି। ସେମାନଙ୍କ ମଧ୍ୟରୁ ୬,୬୫,୪୬୭ ପୁରୁଷ ହୋଇଥିବା ବେଳେ ୬,୨୧,୨୮୮ ମହିଳା ଓ ୪୬ ତୃତୀୟ ଲିଙ୍ଗୀ ଅଛନ୍ତି। ଚଳିତ ମାସ ୧ ତାରିଖ ସୁଦ୍ଧା ୧୮ ବର୍ଷ ପୂରଣ କରିଥିବା ୧୨,୮୩୪ ଜଣଙ୍କ ନାମ ନୂତନ ଭାବେ ପଞ୍ଜୀକୃତ ହୋଇଛି। ସେହିପରି ୭,୮୨୮ ଜଣଙ୍କ ନାମ ବିଭିନ୍ନ କାରଣରୁ ଭୋଟର ତାଲିକାରୁ ବାଦ ଦିଆଯାଇଛି। ଏହି ଭୋଟର ତାଲିକାରେ ୧୮ରୁ ୧୯ ବର୍ଷ ଯୁବ ଭୋଟରଙ୍କ ସଂଖ୍ୟା ୩,୮୧୩। ଲିଙ୍ଗ ଅନୁଯାୟୀ ପ୍ରତି ହଜାର ଭୋଟରଙ୍କ ମଧ୍ୟରେ ୯୩୪ ମହିଳା ଅଛନ୍ତି। ସେହିପରି ଜିଲାରେ ୧୩,୬୭୨ ଭିନ୍ନକ୍ଷମ ଭୋଟର, ୨୨,୨୯୯ ଜଣ ୮୦ରୁ ଊର୍ଦ୍ଧ୍ୱ ବୟସ୍କ ଭୋଟରଙ୍କ ସଂଖ୍ୟା ଅଛି। ଜିଲାରେ ପୂର୍ବରୁ ୧୪୪୫ଟି ଭୋଟ କେନ୍ଦ୍ର ଥିବା ବେଳେ ଏବେ ଏହା ବୃଦ୍ଧି ପାଇ ୧୪୪୯ଟି ଭୋଟ କେନ୍ଦ୍ର ହୋଇଥିବା ଭୋଟର ପଞ୍ଜୀକରଣ ଅଧିକାରୀ ପ୍ରଧାନ ସୂଚନା ଦେଇଛନ୍ତି। ଏହି ବୈଠକରେ ଡେପୁଟି କଲେକ୍ଟର ରମେଶ ପଣ୍ଡାଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଯୋଗଦେଇଥିଲେ।

# ପରିବର୍ତ୍ତନ ସୁଅରେ ସାହିତ୍ୟ ପରିଚାଳିତ

**ରାଜ୍ୟସ୍ତରୀୟ ପୁସ୍ତକ ମେଳା ଉଦ୍‌ଘାଟିତ**

କେନ୍ଦ୍ରାପଡ଼ା, ୬ା୧ (ଜଗନ୍ନାଥ ଧଳ)

ସହରର ମହିପାଳ ଟେଲିକମ ଗ୍ରାଉଣ୍ଡଠାରେ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ (କେମ) ଆୟୋଜନାରେ ଦ୍ୱାବିଂଶତମ ରାଜ୍ୟସ୍ତରୀୟ ପୁସ୍ତକ ମେଳା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହା ଆସନ୍ତା ୧୩ ତାରିଖରେ ଉଦ୍‌ଯାପିତ ହେବ। ଏହି ମେଳାକୁ ସାହିତ୍ୟିକ କୃଷ୍ଣ ସିଂହ ଉଦ୍‌ଘାଟନ କରିଥିଲେ। ଏଥିରେ ସ୍ତମ୍ଭକାର ଦାଶ ବେନହୁର, ଚିତ୍ରଶିଳ୍ପୀ ବଳଦେବ ମହାରଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ପୁସ୍ତକର ଉପାଦେୟତା ସମ୍ପର୍କରେ କହିଥିଲେ, ସାହିତ୍ୟର ଗତି ସର୍ବଦା ଚଳଚଞ୍ଚଳ। ସ୍ମୃତି, ଛବି ଓ ଅକ୍ଷରରେ ଏହା ସୀମିତ ନୁହେଁ। ଏହି ପ୍ରବାହ ଧାରା ଆଦି ସାହିତ୍ୟ ରାମାୟଣଠାରୁ ଆରମ୍ଭ ହୋଇ ଡିଜିଟାଲ ଯୁଗରେ ପହଞ୍ଚିଛି। ସମ୍ପ୍ରତି ଛବି ଓ ପୋଥିରୁ ସାହିତ୍ୟ ଖୋଜା ଚାଲିଥିବାବେଳେ ପୁସ୍ତକ ଆକାର ବଢ଼ି ଚାଲିଛି। ଗତ କରୋନା ସଂକ୍ରମଣରେ ଛାପା ପୁସ୍ତକର ସଂଖ୍ୟା ଅଧିକ ଥିଲା। ଏହାର ପାଠକ ସଂଖ୍ୟା କମ୍ ରହିଥିଲେ ମଧ୍ୟ ସାହିତ୍ୟର ଗତି ଅଟକି ଯାଇନାହିଁ। ଫେସ୍‌ବୁକ, ହ୍ୱାଟ୍ସଅପ, ଗୁଗୁଲ ପରି ଡିଜିଟାଲ ଆପ ସହ ଡିଭାଇସରେ ଏହାର ପାଠକଙ୍କ ସଂଖ୍ୟା ବୃଦ୍ଧି ଘଟିଛି। ଏହାସତ୍ତ୍ୱେ ସବୁବହି ପଢ଼ିବା ଯୋଗ୍ୟ ହୋଇ ରହିନାହିଁ। ରାଷ୍ଟ୍ର ଗଠନରେ ଏକ ଦିଗ ଦେଖାଇ ପାରୁଥିବା ପୁସ୍ତକ କାଳଜୟୀ ରହିଆସିଛି। ସାହିତ୍ୟର ଏହି ପରିବର୍ତ୍ତନ ସୁଅରେ ଆମକୁ ସାମିଲ ହେବାକୁ ପଡ଼ିବ ବୋଲି ଅତିଥିମାନେ ମତ ରଖିଥିଲେ। ଏହି ଅବସରରେ କେମ୍‌ର ମୁଖପତ୍ର କେନ୍ଦ୍ରାପଡ଼ା ପରିକ୍ରମାର ଭିତରକନିକା ବିଶେଷାଙ୍କକୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ସେହିପରି ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଚିତ୍ର ଗ୍ୟାଲେରୀକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। କେମ ସଭାପତି ଅକ୍ଷୟ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନବଜ୍ୟୋତି ରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ମହମ୍ମଦ ଜାହିଦ ଖାନ କେମ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ପ୍ରଦ୍ୟୁମ୍ନ କୁମାର ବେହୁରା ପୁସ୍ତକ ଉନ୍ମୋଚନକୁ ପରିଚାଳନା କରିଥିବା ବେଳେ ବଂଶୀଧର ମହାନ୍ତି ଧନ୍ୟବାଦ ଦେଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ କର୍ମକର୍ତ୍ତା ଡ. ବିରଜା ରାଉତରାୟ, ସରୋଜକାନ୍ତ ସାହୁ, ମହମ୍ମଦ ମୁସ୍ତାକ, ପ୍ରତାପ ସାହୁ, ଜ୍ୟୋତି ରଞ୍ଜନ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ସେଣ୍ଟ ଜାଭିୟର ହାଇସ୍କୁଲ ଓ ଯୋଗ ବେଦାନ୍ତ କଳା ନିକେତନର ଶିକ୍ଷାର୍ଥୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ମଞ୍ଚସ୍ଥ କରିଥିଲେ। ଉଦଘାଟନୀ ଦିବସରେ ମେଳାରେ ୪୨ଟି ବହି ଷ୍ଟଲ ଦେଖିବାକୁ ମିଳିଥିଲା।


ଅତିଥିମାନେ ମେଳାରେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ବିଶ୍ୱ କଲ୍ୟାଣ ଲାଗି ୧୫୦ କି.ମି. ଦଣ୍ଡଯାତ୍ରାରେ କେନ୍ଦ୍ରାପଡ଼ାର ଗଙ୍ଗାଧର

ଗୋପ, ୬ା୧ (ଭାରତୀ ଭୂଷଣ ଉପାଧ୍ୟାୟ)



ସାଧାରଣତଃ ସମସ୍ତେ ନିଜର ଓ ନିଜ ପରିବାର ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଥିବା ବେଳେ କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ଅନ୍ତର୍ଗତ ବନ୍ଧସାହି ଗ୍ରାମର ଗଙ୍ଗାଧର ସାମଲ (୫୩) କିନ୍ତୁ ବିଶ୍ୱର କଲ୍ୟାଣ ନିମନ୍ତେ ହରିହର କ୍ଷେତ୍ରରୁ ବାହାରି ଦୀର୍ଘ ୧୫୦ କି.ମି. ଶ୍ରୀକ୍ଷେତ୍ରକୁ ଦଣ୍ଡଯାତ୍ରା କରୁଥିବା ଜଣାପଡ଼ିଛି। ଗଙ୍ଗାଧର ଏବେ ଗୋପ ନିକଟସ୍ଥ ମଦରଙ୍ଗ ଠାରେ ଥିବା ଏକ ମଠରେ ବିଶ୍ରାମ ପରେ ମଙ୍ଗଳବାର ପ୍ରାତଃରୁ ଶ୍ରୀକ୍ଷେତ୍ର ଅଭିମୁଖେ ଦଣ୍ଡଯାତ୍ରା କରିବେ ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ଗଙ୍ଗାଧର ଜଣେ ଡ୍ରାଇଭର ହୋଇଥିବାବେଳେ କେନ୍ଦ୍ରାପଡ଼ା ଜିଲା ହରିହର କ୍ଷେତ୍ରରେ ଥିବା ନେପାଳ ଜଗନ୍ନାଥ ମନ୍ଦିରରେ ସେବକ ଭାବରେ କାର୍ଯ୍ୟ କରନ୍ତି। ହେଲେ କିଛିଦିନ ତଳେ ଜଣେ ଦଣ୍ଡଯାତ୍ରା କରୁଥିବା ବ୍ୟକ୍ତିଙ୍କୁ ଦେଖି ମନରେ ଆଧ୍ୟାତ୍ମିକ ଚିନ୍ତନ ଆସିବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ୱପ୍ନାଦେଶ ପରେ ଏପରି ଏକ ଦଣ୍ଡଯାତ୍ରା କରୁଥିବା ସେ କହିଛନ୍ତି। ଗଙ୍ଗାଧର ନଭେମ୍ବର ୨୩ ତାରିଖ ପ୍ରଥମା ଅଷ୍ଟମୀ ତିଥିରେ ବିଶ୍ୱ କଲ୍ୟାଣ ନିମନ୍ତେ ଦଣ୍ଡଯାତ୍ରା ଆରମ୍ଭ କରିଥିବା ତାଙ୍କ ସହିତ ତାଙ୍କର ଏକ ମାତ୍ର ପୁତ୍ର ସାରଥି ପ୍ରସାଦ ସାମଲ (୨୦) ଗୋଟିଏ ସାଇକେଲରେ ସମସ୍ତ ଆସବାବପତ୍ର ନେଇ ଚାଲିଚାଲି ଯାଉଥିବା ଜଣାପଡ଼ିଛି। ଭକ୍ତ ଗଙ୍ଗାଧର ଦୀର୍ଘ ୪୪ ଦିନ ଯାତ୍ରା କରିଥିବା ବେଳେ ଆଉ ୨ସପ୍ତାହ ମଧ୍ୟରେ ଶ୍ରୀକ୍ଷେତ୍ରରେ ପହଞ୍ଚି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିଶ୍ୱ କଲ୍ୟାଣ ନିମନ୍ତେ ଦୀପଦାନ ସହିତ ପୂଜାର୍ଚ୍ଚନା କରିବେ ବୋଲି କହିଛନ୍ତି।

## ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ରାଜକନିକା, ୬ା୧ (ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକସ୍ଥିତ ଓଳାଭର ମହାବିଦ୍ୟାଳୟରେ ୮ ଦିନିଆ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ହଳଧର ବେହେରା ଯୋଗଦେଇ କିପରି ଆତ୍ମରକ୍ଷାକୁ ପାଥେୟ କରି କ୍ୟାରିୟର ଗଢ଼ି ହେବ ସେ ସମ୍ପର୍କରେ କହିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପିକା ମଧୁସ୍ମିତା ଶୁକ୍ଳା, ଅଧ୍ୟାପିକା ଅବନ୍ତୀ ରୟ, ମହିମା ପ୍ରଧାନ ଯୋଗଦେଇ ଆତ୍ମରକ୍ଷା ପ୍ରଶିକ୍ଷଣ ଦ୍ୱାରା ଶାରୀରିକ ସୁସ୍ଥତା ଆସେ ସେ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଟ୍ରେନର ମଞ୍ଜୁଲତା ସେନାପତି, ମନୀସାରାଣୀ ପୃଷ୍ଟି ଆତ୍ମରକ୍ଷା ଆମର ଦୈନନ୍ଦିନ ଜୀବନରେ କିପରି ଯୋଡ଼ି ହୋଇରହିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପିକା ଡ. ପୁଷ୍ପଲତା ସେଠୀ ଧନ୍ୟବାଦ ଦେଇଥିଲେ।

## ଆଳି ମେଡିକାଲରେ କାୟାକଳ୍ପ ଟିମ୍

ଆଳି, ୬ା୧ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛତା ଓ କର୍ମଚାରୀଙ୍କ ଦକ୍ଷତା କାୟାକଳ୍ପ ଟିମ୍ ଅନୁଧ୍ୟାନ କରିଛି। ସୋମବାର ଅପରାହ୍ନରେ କାୟାକଳ୍ପର ଏକ ୩ ଜଣିଆ ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଥିଲେ। ଏହି ଟିମ୍‌ରେ ଡା. ସୁବାଶିଷ ମହାନ୍ତି, ପ୍ରାଣ ଗୋପାଳ ଦାସ, ଦିବ୍ୟଜ୍ୟୋତି ମହାପାତ୍ର, ଡା. ନୃପେନ ଶତପଥୀ ପ୍ରମୁଖ ସାମିଲ ହୋଇଥିଲେ। ଏହି ଟିମ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ୱାସ୍ଥ୍ୟ ଓ ନିରାମୟ ପରିବେଶ ବୁଲି ଦେଖିବା ସହ ସ୍ୱଚ୍ଛତା ସମ୍ପର୍କରେ ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେବା କାର୍ଯ୍ୟରେ ନିୟୋଜିତ ଥିବା ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀ ଦକ୍ଷତା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହି ଟିମ ଅଳିଆ ଆବର୍ଜନା ଓ ବର୍ଜ୍ୟବସ୍ତୁ ପରିଚାଳନା କିପରି ହେଉଛି ତାହାର ତନଖି କରିବା ସହ ସେହି ସ୍ଥାନ ପରିଦର୍ଶନ କରିଥିଲେ। ଏଥିସହ ମାତୃ ସଦନ, ଆଉଟଡୋର, ଇଣ୍ଡୋର, ମେଡିକାଲ ୱାର୍ଡରେ ବୁଲି ସ୍ୱଚ୍ଛତା ଅନୁଧ୍ୟାନ କରିଥିଲେ। କାୟାକଳ୍ପ ଟିମ୍‌ର ସଦସ୍ୟମାନେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରଣବ କୁମାର ଶୁକ୍ଳାଙ୍କ ସହିତ ଆଲୋଚନା କରିଥିଲେ।

## ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ

ରାଜନଗର, ୬ା୧ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳସ୍ଥିତ ନଳିନୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବ୍ରହ୍ମାନନ୍ଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଚିତ୍ତ ରଞ୍ଜନ ପଣ୍ଡା ଉଦ୍‌ଘାଟନ କରିଥିଲେ। ମାଷ୍ଟର ଟ୍ରେନର ପ୍ରୀତିପ୍ରଭା ରାଉତ ବାଳିକାମାନଙ୍କୁ ଆତ୍ମରକ୍ଷା କରିବାର କୌଶଳ ପ୍ରଶିକ୍ଷଣ ଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଧ୍ୟାପକ ତ୍ରୈଲୋଚନ ରାଉତ, ଗିରିଶ କୁମାର ନାୟକ, ଅଧ୍ୟାପିକା ଜ୍ୟୋତ୍ସ୍ନାବାଳା ଦାସ, କ୍ରୀଡ଼ା ଶିକ୍ଷକ କିଶୋର କୁମାର ଚୌଧୁରୀ, ସୁଚିତ୍ରା ବଳ, ଚୌଧୁରୀ ଜୟନ୍ତ କୁମାର ପ୍ରହରାଜ, ଜାମିନୀକାନ୍ତ ରାଉଳ, ଅଶୋକ କୁମାର ରାଉତ, ଦିଗମ୍ବର ପଣ୍ଡା ପ୍ରମୁଖ ସହଯୋଗ କରିଥିବା ବେଳେ ପ୍ରୋଗ୍ରାମ ସଂଯୋଜକ ବନୋଜ କୁମାର ପରିଡ଼ା ପରିଚାଳନା କରିଥିଲେ।

## ଦାୟିତ୍ୱ, କର୍ତ୍ତବ୍ୟ ପ୍ରତି ଛାତ୍ର ସଚେତନ ରହିବା ଆବଶ୍ୟକ

**ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ୨ୟ ଦିବସ**

ରାଜନଗର, ୬ା୧ (ଭାସ୍କର ରାଉତରାୟ)



ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳସ୍ଥିତ ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ୨ୟ ଦିବସ ଅବସରରେ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ମହେଶ୍ୱର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜନଗର ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ବିଦ୍ୟାଳୟର ପ୍ରତିଷ୍ଠାତାମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ବିଦ୍ୟାଳୟର ଉତ୍ତରୋତ୍ତର କାମନା କରିଥିଲେ। ମୁଖ୍ୟବକ୍ତା ଭାବେ ରାଜନଗର ବିଇଓ ମନୋରଞ୍ଜନ ସେଠୀ ଯୋଗଦେଇ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଥିବାରୁ ପୁରାତନ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଥିଲେ। ପରେ ମୁଖ୍ୟ ଅତିଥି ଜେନା ବିଦ୍ୟାଳୟର ପୁରାତନ ଏବଂ ଏବେର ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ନାଗା ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପକ୍ଷରୁ ସମାଜ ଉପଯୋଗୀ ନାଟକ ମା'ପରିବେଷଣ କରାଯାଇଥିଲା। ଉତ୍ସବର ୨ୟ ଅଧିବେଶନରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଖ୍ୟାତ ଦାର୍ଶନିକ ଡାୟୋଜେନିସ୍‌ଙ୍କ ଉଦାହରଣ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟ ଉପରେ ଦୀକ୍ଷାନ୍ତ ଭାଷଣ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଡ. ତାରାକାନ୍ତ ନାୟକ ଯୋଗଦେଇ ଓଡ଼ିଶା ଇତିହାସର ବିରତ୍ୱର ଗାଥା ବଖାଣିବା ସହିତ ପ୍ରଶ୍ନ ପଚାରିବା ଉପରେ ଗୁରୁତ୍ୱ ଦେଇ ପୌରାଣିକ ଆଖ୍ୟାୟିତା ମାଣ୍ଡବ୍ୟ ଋଷିଙ୍କ ଉପାଖ୍ୟାନକୁ ବ୍ୟାଖ୍ୟା କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଆମ ସନାତନ ଧର୍ମର ଅନନ୍ୟ ଗାଥା ପଞ୍ଚତନ୍ତ୍ରର ଉଦାହରଣ ଦେଇ ଆଜିର ପିଲାମାନେ ସମୟର ଯଥୋଚିତ ଉପଯୋଗ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ଓଡ଼ିଶା ପ୍ରଶାସନିକ ଅଧିକାରୀ ଧର୍ମରଞ୍ଜନ ପଣ୍ଡା, ସାମାଜିକ କର୍ମୀ ଅଜୟ କୁମାର ବେହେରା, ସମିତିସଭ୍ୟ ସସ୍ମିତା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ପରେ ପୁରାତନ ଏବଂ ବର୍ତ୍ତମାନର ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଫାଇନାଲରେ ନୃସିଂହନାଥ କ୍ରିକେଟ୍ କ୍ଲବ, ଭାମଣ୍ଡା

ରାଜକନିକା, ୬ା୧ (ସଞ୍ଜୟ କୁମାର ଦାଶ)


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

**ବିପ୍ଳବୀ ଆନନ୍ଦ ଚନ୍ଦ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ରାଜକନିକା ବ୍ଲକ ଡାଲିକାଏନ୍ଦା ସ୍ଥିତ ସରସ୍ୱତୀ ଖେଳ ପଡ଼ିଆରେ ଆୟୋଜିତ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଯୁବକ ସଂଘ ଆନୁକୂଲ୍ୟରେ ତଥା ମୁମ୍ବାଇ ଗୁରୁ ବ୍ରଦର୍ସ ପ୍ରାୟୋଜିତରେ ବିପ୍ଳବୀ ଆନନ୍ଦ ଚନ୍ଦ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୋମବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୃସିଂହନାଥ କ୍ରିକେଟ୍‌କ୍ଲବ, ଭାମଣ୍ଡା ବନାମ ମା' ଖରାଖାଇ କ୍ରିକେଟ୍ କ୍ଲବ, ଆଳି ମଧ୍ୟରେ ହୋଇଥିଲା। ଖେଳରେ ଭାମଣ୍ଡା ଟିମ୍ ଟସ ଜିଣି ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୨୫ ରନ କରିଥିଲା। ଜବାବରେ ଆଳି ଟିମ୍ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୨୨୪ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ତେବେ ପ୍ରଥମ ଟିମ୍ ଭାବେ ନୃସିଂହନାଥ କ୍ରିକେଟ୍ କ୍ଲବ, ଭାମଣ୍ଡା ଫାଇନାଲ ଖେଳିବାର ଯୋଗ୍ୟତା ଅର୍ଜନ କରିଛି। ଯୁବକ ସଂଘର କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଶିକ୍ଷକ ବିଷ୍ଣୁଦେବ ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ବିଦ୍ୟାଧର ବେହେରା, ପ୍ରଫୁଲ୍ଲ ରାଉତ, ପୋଲିସ ଏସ୍‌ଆଇ ରାହାସ ନାୟକ, ଉପଦେଷ୍ଟା ଅମୂଲ୍ୟ ପାଣି ଓ ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଜେତା ଟିମର ସୁଜିତ ଲେଙ୍କା ୪୬ ବଲରେ ୧୧୨ ରନ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା। ଅମ୍ପାୟାର ଭାବେ ଆଲୋକ ବେହେରା ଓ ବିପ୍ଳବୀ ବେହେରା ଖେଳ ପରିଚାଳନା କରିଥିଲେ। ଯୁବକ ସଂଘର ସଭାପତି ପ୍ରମୋଦ ରାଉତ, ସମ୍ପାଦକ ସରୋଜ କୁମାର ବେହେରା ଓ ବିଶ୍ୱାମିତ୍ର ଜେନା, ସଭ୍ୟ ଅଜିତ ଗୁରୁ, ପ୍ରଶାନ୍ତ ମହଲା, ପ୍ରେମାନନ୍ଦ ରାଉତଙ୍କ ସମେତ ଯୁବକ ସଂଘର ସମସ୍ତ କର୍ମକର୍ତ୍ତା ଓ ସଭ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମଙ୍ଗଳବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ବହୁରୂପା କ୍ରିକେଟ୍ କ୍ଲବ, ପାରିନୂଆପଡ଼ା ବନାମ ସିଟି ସ୍ପୋର୍ଟିଂ କ୍ରିକେଟ୍ କ୍ଲବ, ଚାନ୍ଦବାଲି ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଯୁବକ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ମନୋରଞ୍ଜନ କାର୍ଯ୍ୟକାରୀ ସଭାପତି

ଫୁଲବାଣୀ,୬।୧(ରାକେଶ କୁମାର ରାଉତ)

ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ବାର୍ଷିକ ସମିଳନୀ ମାଲକାନଗିରିଠାରେ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ହୋଇଥିବା ଏହି ସମ୍ମିଳନୀରେ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଏହାପରେ ସଂଘର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। କନ୍ଧମାଳରୁ ବରିଷ୍ଠ ଆଇନଜୀବୀ ମନୋରଞ୍ଜନ ମହାନ୍ତିଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ ହୋଇଛନ୍ତି। ସେହିପରି ମୋହନ କୁମାର ପଣ୍ଡା କାର୍ଯ୍ୟକାରୀ ସମ୍ପାଦକ, ମଧୁସୂଦନ ପଣ୍ଡା, ଗୌରାଙ୍ଗ ଚରଣ ସ୍ୱାଇଁ, ଲଗ୍ନଜିତ ମହାନ୍ତି ଯୁଗ୍ମ ସମ୍ପାଦକ, କରୁଣାକର ପଟ୍ଟନାୟକ, ଦୀପକ ପଣ୍ଡା ସାଙ୍ଗଠନିକ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ।

### ଜନଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି,୬।୧(ଗିରିଧାରୀ ପରିଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ବିଜୟ କୁମାର ଦାଶ, ଏସପି ଯତୀନ୍ଦ୍ର କୁମାର ପଣ୍ଡା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଡ଼.ଗୁଣନିଧି ନାୟକ ଯୋଗ ଦେଇଥିଲେ। ଶିବିରରେ ପାରଳାଖେମୁଣ୍ଡି ମ୍ୟୁନିସିପାଲିଟି ସମେତ କେରାଣ୍ଡି, କତଲକଇଠା, ରାଣୀପେଣ୍ଟ ଓ ସିଧାମାଡ଼ଙ୍ଗ ପଞ୍ଚାୟତର ୫୭ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିରୁ ୪୭ଟି ବ୍ୟକ୍ତିଗତ ଓ ୧୦ଟି ଗ୍ରାମସମସ୍ୟାଭିତ୍ତିକ ଥିଲା। ୭ଟି ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନ କରାଯାଇଛି। ଶୁଣାଣିରେ ଅନ୍ୟମାନଙ୍କ ମଧ୍ୟରେ ପାରଳାଖେମୁଣ୍ଡି ଉପଜିଲାପାଳ ଅନୁପ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମହମ୍ମଦ ମୁବାରକ ଅଲ୍ଲୀ, ଗୋଷାଣୀ ବିଡିଓ ଗୌର ଚନ୍ଦ୍ର ପଟ୍ଟନାୟକ, ତହସିଲଦାର ନାରାୟଣ ବେହେରା ଉପସ୍ଥିତ ଥିଲେ।

### ରାମଗିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକୋତ୍ସବ

ରାମଗିରି,୬।୧(ବୃନ୍ଦାବନ ଗୌଡ଼)

ଆର.ଉଦୟଗିରି ବ୍ଲକ୍ ଅନ୍ତର୍ଗତ ରାମଗିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାମଗିରି ଜୋନ୍‌ର ଜିଲା ପରିଷଦ ସଭ୍ୟ ଦଣ୍ଡପାଣି ବଡମୁଣ୍ଡି ମୁଖ୍ୟ ଅତିଥି, ବିଧାୟକ ପ୍ରତିନିଧି ଗୋପାଳ ଦଳେଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ମେଡାଲ, ସିଲ୍ଡ ଆଦି ପ୍ରଦାନ କରାଯାଇଥିଲା। ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଯୁଧିଷ୍ଠିର ବେହେରା, ରାମଗିରି ସରପଞ୍ଚ ସସ୍ମିତା କାର୍ଜୀ, ହାଟପଦା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗିରିଧାରୀ ବଡ଼ନାୟକ ଏବଂ ରାମଗିରିର ବ୍ରଜକିଶୋର ମାର୍ଥୀ, ରବିନାରାୟଣ ପାଇକରାୟ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରକାଶ କୁମାର ଜେନା ଉପସ୍ଥିତ ରହିଥିଲେ। ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ଗୌଡ଼ ବିବରଣୀ ପାଠ କରିଥିବା ବେଳେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବ୍ଲକ ଛକରେ ନାହିଁ ବିଶ୍ରାମାଗାର, ଶୌଚାଳୟ

ପୋଲସରା,୬।୧(ସୁବ୍ରତ ବେହେରା)– ଗଞ୍ଜାମ ଜିଲା ପୋଲସରା ବ୍ଲକ ଛକ ନିକଟରେ ଯାତ୍ରୀମାନଙ୍କ ପାଇଁ ବିଶ୍ରାମାଗାର କି ଶୌଚାଳୟଟିଏ ନାହିଁ। ଫଳରେ ବସ୍‌କୁ ଅପେକ୍ଷା କରୁଥିବା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୋଲସରା ବ୍ଲକକୁ ସଂଯୋଗ କରୁଥିବା ୨୬ଟି ପଞ୍ଚାୟତରୁ ପ୍ରତ୍ୟେହ ବହୁ ସଂଖ୍ୟାରେ ଯାତ୍ରୀମାନେ ବିଭିନ୍ନ କାମରେ ପୋଲସରା ଆସିଥାନ୍ତି। ଯାତ୍ରୀମାନେ ବସ୍‌କୁ ଅପେକ୍ଷା କରିବା ପାଇଁ ଏଠାରେ ବିଶ୍ରାମାଗାରଟିଏ ନାହିଁ। ଶୌଚାଳୟଟିଏ ମଧ୍ୟ ନ ଥିବାରୁ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାତ୍ରୀମାନଙ୍କ ସୁବିଧା ପାଇଁ ବ୍ଲକ ଛକ ନିକଟରେ ଏକ ବିଶ୍ରାମାଗାର ଓ ଶୌଚାଳୟ ନିର୍ମାଣ କରିବାକୁ ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ଆଗାମୀ ଦିନରେ ଯାତ୍ରୀଙ୍କ ସୁବିଧା ଲାଗି ବିଶ୍ରାମାଗାର ଓ ଶୌଚାଳୟ ନିର୍ମାଣ ହେବ ବୋଲି ଏନଏସି ନିର୍ବାହୀ ଅଧିକାରୀ ରଷି ମାଝି କହିଛନ୍ତି।

# ପାଟବାନ୍ଧା ଜଳପ୍ରପାତରେ ଜମୁଛି ବଣଭୋଜିର ଆସର

## ନାଚ ଗୀତ କରି ମଜା ନେଇଛନ୍ତି ପର୍ଯ୍ୟଟକ

ଦାରିଙ୍ଗବାଡ଼ି,୬।୧ (ଅରୁଣ ସାହୁ)



ପର୍ଯ୍ୟଟକଙ୍କ ମନ ଜିଣୁଛି ଜଳପ୍ରପାତ।

ଶୀତ ବଢ଼ିବା ସହିତ କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକରେ ରହିଥିବା ପର୍ଯ୍ୟଟନକ୍ଷେତ୍ରଗୁଡ଼ିକରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଅଞ୍ଚଳ ମଧ୍ୟରେ ବିଭିନ୍ନ ଜଳପ୍ରପାତ ରହିଛି, ତା' ମଧ୍ୟରୁ ପାଟାବାନ୍ଧା ଜଳପ୍ରପାତ ଅନ୍ୟତମ। ଏହି ଜଳପ୍ରପାତ ଦୁର୍ଗମ ଘାଟି, ପାହାଡ଼ ମଧ୍ୟରେ ରହିଥିଲେ ସୁଦ୍ଧା ପର୍ଯ୍ୟଟକମାନେ ଖୋଜି ଖୋଜି ସେଠାରେ ପହଞ୍ଚି ଯାଆନ୍ତି ବଣଭୋଜି କରିବା ପାଇଁ। ଉକ୍ତ କିସୁବାଡ଼ି ଗ୍ରାମ ଦେଇ ଯାଇଥିବା ନଦୀ ପ୍ରବାହିତ ହୋଇଥିବା ବେଳେ ପାଟାବାନ୍ଧା ନିକଟରେ ବିସ୍ତୀର୍ଣ୍ଣ ପଥରରେ ଜଳ ପ୍ରପାତ ସୃଷ୍ଟି ହୋଇ ପର୍ଯ୍ୟଟକଙ୍କ ମନ ମୋହୁଛି। ନୂତନ ବର୍ଷର ପ୍ରଥମ ରବିବାରରେ ଉକ୍ତ ଜଳପ୍ରପାତରେ ପ୍ରବଳ ଭିଡ଼ ଜମିଥିଲା। ପର୍ଯ୍ୟଟକ ବଣଭୋଜି କରିବା ସହ ଜଳପ୍ରପାତରେ ଗାଧୋଇ ମଜା ଉଠାଇଥିଲେ। କିଛି ପର୍ଯ୍ୟଟକ ତାଙ୍କ ମତ ରଖି କହିଛନ୍ତି ଯେ କନ୍ଧମାଳ ଜିଲା ଔଷଧୀୟ ବୃକ୍ଷରେ ଭରପୂର ରହିଥିବାରୁ ବୋହିଯାଉଥିବା ପାଣି ଅନେକ ଔଷଧୀୟ ବୃକ୍ଷ ସଂସ୍ପର୍ଶରେ ଆସିଥାଏ। ତେଣୁ ସେଠାରେ ଗାଧୋଇବା ଦ୍ୱାରା ଅନେକ ଫାଇଦା ମିଳିବା ଆଶଙ୍କା କରି ଗାଧୋଇଥାନ୍ତି। ପ୍ରକାଶ ଯେ, ଉକ୍ତ ବ୍ଲକ ସିଆଙ୍ଗବାଲି ପଞ୍ଚାୟତ କିଶୁବାଡ଼ି ଗ୍ରାମରେ ରହିଛି ପାଟାବାନ୍ଧା ଜଳପ୍ରପାତ। ଏହି ଜଳପ୍ରପାତ ସୃଷ୍ଟି ଆରମ୍ଭରୁ ରହିଥିଲେ ସୁଦ୍ଧା ଦୁର୍ଗମ ପାହାଡ଼ ଦେଇ ପାଦରେ ଚାଲି ଚାଲି ସେଠାକୁ ଯିବାକୁ ପଡୁଥିଲା। ୩ ବର୍ଷ ତଳେ ଏହାକୁ ଲୋକଲୋଚନକୁ ଆଣିବା ପାଇଁ ତତ୍କାଳୀନ ବିଧାୟକ ସାଲୁଗା ପ୍ରଧାନଙ୍କ ନିକଟରେ ଅଞ୍ଚଳବାସୀ ଦାବି ଜଣାଇଥିଲେ। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉକ୍ତ ଜଳପ୍ରପାତକୁ ପାହାଡ଼ କାଟି ରାସ୍ତା ସମ୍ପ୍ରସାରଣ କରାଯାଇଥିଲା। ତେବେ ଉକ୍ତ ଜଳପ୍ରପାତକୁ ଏବେ ମଧ୍ୟ ପକ୍କା ରାସ୍ତା କରାଯାଇ ନ ଥିବାରୁ ସମସ୍ତ ପ୍ରକାର ଗାଡ଼ି ସେହି ଜଳପ୍ରପାତରେ ପହଞ୍ଚି ପାରୁନାହିଁ। ଯେଉଁ ସବୁ ଗାଡ଼ି ଯାଉଛି ଏକାଧିକ ଘାଟି ରହିଥିବାରୁ ପର୍ଯ୍ୟଟକମାନେ ବିପଦ ସଙ୍କୁଳ ଅବସ୍ଥାରେ ସେଠାରେ ପହଞ୍ଚୁଥିବା ନେଇ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

# ସୁଧାର ଗୃହକୁ ଗଲେ ଅଭିଯୁକ୍ତ

## ନାବାଳିକାଙ୍କୁ ବଳାତ୍କାର ଘଟଣା

ଦିଗପହଣ୍ଡି,୬।୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଅଞ୍ଚଳର ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର ଘଟଣାର ଅଭିଯୁକ୍ତଙ୍କୁ ସୋମବାର ବ୍ରହ୍ମପୁରସ୍ଥିତ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଛି। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯିବା ସହ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତା ବୟାନ ଦେଇଛନ୍ତି। ଅଭିଯୁକ୍ତଙ୍କୁ ବ୍ରହ୍ମପୁର ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି।

ଗତ ପ୍ରାୟ ୭ ବର୍ଷ ପୂର୍ବେ ପୀଡ଼ିତା ଜଣକ ଗାଁ ହାଇସ୍କୁଲରେ ୧୦ମ ଶ୍ରେଣୀରେ ପଢୁଥିବା ବେଳେ ଅଭିଯୁକ୍ତ ନାବାଳକ ଥିଲେ। ତାଙ୍କୁ ଭଲପାଇ ବିବାହର ପ୍ରତିଶ୍ରୁତି ଦେଇ ଜବରଦସ୍ତ ଶାରିରୀକ ସମ୍ପର୍କ ରଖିଥିଲେ। ପରେ ଚେନ୍ନାଇ ନେଇ ସେଠାକାର ଏକ ମନ୍ଦିରରେ ବିବାହ କରିଥିଲେ। ଗତ ୨୦୨୨ରେ ସେମାନଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ସେହିଦିନ ଠାରୁ ଅଭିଯୁକ୍ତ ତାଙ୍କୁ ମାଡ଼ ମାରିବା ସହ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଗତ ପ୍ରାୟ ଦେଢ଼ମାସ ପୂର୍ବେ ଅଭିଯୁକ୍ତ ଜଣକ ପୁଅ ଓ ପୀଡ଼ିତାଙ୍କୁ ଚେନ୍ନାଇରେ ଛାଡି ତାଙ୍କ ଗାଁକୁ ଚାଲି ଆସିବା ସହ ଅନ୍ୟତ୍ର ବିବାହ କରିବାକୁ ଉଦ୍ୟମ କରିଥିଲେ। ପୀଡ଼ିତା ତାଙ୍କ ପୁଅକୁ ଧରି ଚେନ୍ନାଇରୁ ସ୍ୱାମୀଙ୍କ ଗାଁକୁ ଫେରି ଘରକୁ ଯିବାକୁ ଉଦ୍ୟମ କରିବାରୁ ଘର ଲୋକେ ବିରୋଧ କରିଥିଲେ। ସେ ଗତ ନଭେମ୍ବର ୨୪ ତାରିଖରେ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ଗାଁରୁ ଫେରାର ହୋଇଯାଇଥିଲେ। ପୀଡ଼ିତା ପୁଅକୁ ଧରି ଗତ ୨୫ ତାରିଖରେ ଅଭିଯୁକ୍ତଙ୍କ ଘର ସମ୍ମୁଖରେ ଧାରଣାରେ ବସିଥିଲେ। ପୋଲିସ ଟିମ୍ ଗାଁ ରେ ପହଞ୍ଚି ବୁଝାସୁଝା କରିବା ପରେ ସେ ଧାରଣାରୁ ଉଠିଥିଲେ।

# ଚକରା ବିଷୋୟୀଙ୍କ ଜୟନ୍ତୀ ଉପଲକ୍ଷେ ପ୍ରତିଯୋଗିତା

ଛତ୍ରପୁର,୬।୧(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)



ଅତିଥିଙ୍କ ଗହଣରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଓ ଛାତ୍ରୀମାନେ।

ଚଳିତବର୍ଷ ରାଜ୍ୟସ୍ତରୀୟ ମହାନ୍ ବିପ୍ଳବୀ ବୀର ଚକରା ବିଷୋୟୀଙ୍କ ୨୦୨ତମ ଜନ୍ମ ଦିବସ ପାଳନ କରାଯିବ। ଏହା ଉପଲକ୍ଷେ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ବୀର ଚକରା ବିଷୋୟୀଙ୍କ ଉପରେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ଛତ୍ରପୁରସ୍ଥିତ ଜିଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟ ସ୍ତରୀୟ ଓଡିଆ ବକ୍ତୃତା ପ୍ରତିଯୋଗିତାରେ ଅନସ୍ଲୋ ଉଚ୍ଚ ବିଦ୍ୟାଳୟର ଟି. ମନୀଷା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ତରୀୟ ଓଡିଆ ବକ୍ତୃତା ପ୍ରତିଯୋଗିତାରେ ପ୍ରତିଭା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସ୍ନେହା ରଥ ଓ ମହାବିଦ୍ୟାଳୟ ସ୍ତରୀୟ ଓଡିଆ ବକ୍ତୃତା ପ୍ରତିଯୋଗିତାରେ ଛତ୍ରପୁର ମହିଳା ସ୍ନାତକ ମହାବିଦ୍ୟାଳୟର ସ୍ୱାତୀ ସ୍ୱରୂପା ମିଶ୍ର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିପରି ଉଚ୍ଚ ବିଦ୍ୟାଳୟ ସ୍ତରୀୟ ଓଡିଆ ପ୍ରବନ୍ଧ ପ୍ରତିଯୋଗିତାରେ ସମିତାରାଣୀ ସ୍ୱାଇଁ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ସ୍ମୃତି ମୁଦୁଲି ଓ ମହାବିଦ୍ୟାଳୟ ସ୍ତରୀୟ ଓଡିଆ ପ୍ରବନ୍ଧ ପ୍ରତିଯୋଗତାରେ ଲିଜା ମହାନ୍ତୁଡ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସମସ୍ତ ପ୍ରତିଯୋଗିତାରେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ମହିଳା ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷା ସୁମିତା ମିଶ୍ର, ସନ୍ତୋଷ କୁମାର ପାଢୀ ଓ ଅରୁଣ କୁମାର ଶତପଥୀ ବିଚାରକ ରହିଥିଲେ। କୃତୀ ପ୍ରତିଯୋଗୀଙ୍କୁ ୯ ତାରିଖରେ ଭଞ୍ଜନଗରଠାରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ନିମନ୍ତେ ପଠାଯିବ ।

# ପୋଷ୍ଟର ଜାଳି ପ୍ରତିବାଦ ଜଣାଇଲା କଂଗ୍ରେସ

ପାରଳାଖେମୁଣ୍ଡି,୮।୧(ଗିରିଧାରୀ ପରିଛା)

କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧିଙ୍କ ପ୍ରତି ଜଣେ ଭାଜପା ନେତା ଅଶାଳୀନ ମନ୍ତବ୍ୟ ଦେବା ପ୍ରତିବାଦରେ ସୋମବାର ରାଜ୍ୟ କଂଗ୍ରେସର ଆହ୍ୱାନରେ ପାରଳାଖେମୁଣ୍ଡିରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ଭାଜପା ନେତା ରମେଶ ବିଦଡେଙ୍କ ପୋଷ୍ଟର ଜାଳି ପ୍ରତିବାଦ ଜଣାଇଛନ୍ତି। ଗଜପତି କଂଗ୍ରେସ କର୍ମୀ ଅଭିଯୋଗ କରିଛନ୍ତି ଯେ, ଜଣେ ନାରୀନେତ୍ରୀଙ୍କ ବିରୋଧରେ ଭାଜପା ନେତାମାନେ ମନଇଚ୍ଛା ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ। ଏଥିପାଇଁ ଭାଜପା ନେତା କ୍ଷମା ମାଗନ୍ତୁ ବୋଲି କଂଗ୍ରେସ କର୍ମକର୍ତ୍ତାମାନେ ଦାବି କରିଛନ୍ତି। ଏହି ପ୍ରତିବାଦ ଅଭିଯାନରେ ନଗର କଂଗ୍ରେସ ସଭାପତି ବସନ୍ତ ପଣ୍ଡା, ଅଭିମନ୍ୟୁ ପଣ୍ଡା, ନାରିନେତ୍ରୀ ଯସ୍ମିନ ଶେଖ, ଶିବ ପ୍ରସାଦ ସାହୁ, ଈଶ୍ୱର ଚନ୍ଦ୍ର ମାଝୀଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

# ମନ୍ତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ



ବୁଗୁଡା,୬।୧(କାଳିଚରଣ ଦାଶ):

ପୋଲସରା ନିର୍ବାଚନ ମଣ୍ଡଳୀର ଅନ୍ତରପଡା ମା' ସାଙ୍କୁଳାଇ ପୀଠରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଜନ୍ମ ଦିନ ଓ ଇଂରାଜୀ ନବବର୍ଷ ପାଳନ ଉପଲକ୍ଷେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଲସରା ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀର ହଜାର ହଜାର ଶୁଭେଚ୍ଛୁ ଉପସ୍ଥିତ ରହି ଜନ୍ମଦିନ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ବୁଗୁଡ଼ାର ସାମାଜିକ କର୍ମୀ ଧରଣୀଧର ପଣ୍ଡା ଓ ବିରଞ୍ଚିପୁର୍ ସରପଞ୍ଚ ମନ୍ଦାକିନୀ ସେଠୀ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିକଶିତ ଭାରତ ଓ ବିକଶିତ ଓଡିଶାର ସଫଳ ରୂପାୟନ ପାଇଁ ଆମେ ସବୁ ସଂକଳ୍ପ ବଦ୍ଧ ବୋଲି ମନ୍ତ୍ରୀ ପ୍ରକାଶ କରିବା ସହ ନବବର୍ଷ ସମସ୍ତଙ୍କ ପାଇଁ ଶୁଭଙ୍କର ହେଉ ବୋଲି ମା' ସାଙ୍କୁଳାଇଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ବାଲିପଦର ମଣ୍ଡଳ ଭାଜପା ସଭାପତି କରଚୁଲି ମଣ୍ଡଳ ଭାଜପାର ସଭାପତି ଦିଲ୍ଲୀପ କୁମାର ପ୍ରଧାନ, ଘୁମୁସର ସାଙ୍ଗଠନିକ ଜିଲା ଯୁବ ଭାଜପାର ସାଧାରଣ ସମ୍ପାଦକ କୃଷ୍ଣ ଚନ୍ଦ୍ର ମହାପାତ୍ର, ନଗର ଭାଜପା ସଭାପତି କେଦାର ନାଥ ମହାରଣା, ବୁଗୁଡ଼ା ବ୍ଲକ ଅଧ୍ୟକ୍ଷା ପ୍ରତିନିଧି କେ. ନୀଳମାଧବ ଆଚାରୀ ପ୍ରମୁଖଙ୍କ ସମେତ ବହୁ ମହିଳା, ପୁରୁଷ ଉପସ୍ଥିତ ଥିଲେ।

# ସମବାୟ ସମିତି ମାଧ୍ୟମରେ ଧାନ ବିକ୍ରି ଦାବି

## ତାଲାପକାଇ, ନିଆଁ ଜାଳି ପ୍ରତିବାଦ

ଧରାକୋଟ,୬।୧(ବିଷ୍ଣୁ କେଶରୀ ଆଚାର୍ଯ୍ୟ):



ପ୍ରତିବାଦ କରୁଥିବା ଚାଷୀ।

ଧରାକୋଟ ବ୍ଲକର ରୁଗୁମୁ ପଞ୍ଚାୟତ ଅଧିନସ୍ଥ ବେଠୁଆର, କାନଗିରିଡି, ଆଡିବନ୍ଧ, ସୁଣ୍ଡିପଲି ଓ ରୁଗୁମୁ ଗ୍ରାମର ୬୨୭ଜଣ ଚାଷୀଙ୍କ ମଧ୍ୟରୁ ୨୩୦ ଜଣଙ୍କ ନାମ ନିକଟସ୍ଥ ଓଳମ୍ବା ଗ୍ରାମର ମା ଭୈରବୀ ସ୍ୱୟଂ ସହାୟକ ଗୋଷ୍ଠୀ ନିକଟରେ ଧାନ ବିକ୍ରି ପାଇଁ ତାଲିକାଭୁକ୍ତ ହୋଇଛି । ଏହା ପ୍ରତିବାଦରେ ଚାଷୀମାନେ ରୁଗୁମୁ ସେବା ସମବାୟ ସମିତି କାର୍ଯ୍ୟାଳୟରେ ତାଲା ପକାଇବା ସହ ସମ୍ମୁଖରେ ନିଆଁ ଜାଳି ପ୍ରତିବାଦ କରିଥିଲେ। ଖବରପାଇ ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି ଓ ଯୋଗାଣ ନିରୀକ୍ଷକ ସଞ୍ଜୟ ମଲିକ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ମା' ଭୈରବୀ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଯେଉଁ ଚାଷୀମାନେ ଧାନବିକ୍ରି ପାଇଁ ଅନିଚ୍ଛା ପ୍ରକାଶ କରିଥିଲେ, ସେମାନଙ୍କୁ ନିଜ ନିଜର ଆଧାର କାର୍ଡ ଓ କୃଷକ ଆଇଡିର ନକଲ ରୁଗୁମୁ ସମବାୟ ସମିତି ସମ୍ପାଦକଙ୍କ ନିକଟରେ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

ସୂଚନାଯୋଗ୍ୟ, ଚାଷୀମାନଙ୍କୁ କିଏ କେଉଁ ମଣ୍ଡି ଓ ସ୍ୱୟଂ ସହାୟକ ଗୋଷ୍ଠୀକୁ ନିଜ ନିଜର ଧାନ ବିକ୍ରି କରିବେ, ସେଥିପାଇଁ ଟୋକନ ପ୍ରଦାନ କରାଯାଇଛି। ହେଲେ ଚାଷୀମାନେ ସ୍ୱୟଂ ସହାୟକ ଗୋଷ୍ଠୀକୁ ଧାନ ବିକ୍ରି ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି। କାରଣ ବର୍ଷ ସାରା ଚାଷୀମାନେ ସମିତି ନିକଟରୁ ଋଣ ଆଣିବା ସହ ସାର ମଧ୍ୟ ଆଣୁଛନ୍ତି । ତେଣୁ ସମିତି ସହ ଯୋଡ଼ି ହୋଇ ରହିବାକୁ ଚାହୁଁଛନ୍ତି ।

# ଅଭିଭାବକଙ୍କ ତାଲିମ ଶିବିର

ଆସିକା,୬।୧(ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକର ବାଲିସିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଅଭିଭାବକମାନଙ୍କୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଞ୍ଜ ବେହେରା ଉଦଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ମନୋଜ କୁମାର ତ୍ରିପାଠୀ, ଗୋଷ୍ଠୀ ସମ୍ବଳ ଶିକ୍ଷକ ହେମନ୍ତ ନନ୍ଦ, ସିଆରସିସି ଅର୍ଚ୍ଚନା ବେହେରା, ରାମନାଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ବିଦ୍ୟାଳୟ ସ୍ତରରେ ରହିଥିବା ବିଭିନ୍ନ ସମସ୍ୟା ଓ ତାର ସମାଧାନ, ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଲାଗି ସାମଗ୍ରିକ ସ୍ତରରେ ଦାୟିତ୍ୱ, ସହାୟକ ଉପକରଣର ଯତ୍ନ, ସରକାରୀ ଓ ବେସରକାରୀ ସ୍ତରରୁ ମିଳୁଥିବା ବିଭିନ୍ନ ସହାୟତା ସମ୍ପର୍କରେ ଆଲୋଚନା କରାଯାଇଥିଲା ।

# ଗାଲେରି ଶିଶୁ ମନ୍ଦିରର ବାର୍ଷିକୋତ୍ସବ



ଭଞ୍ଜନଗର,୬।୧(ବାବୁଲା ପ୍ରଧାନ)

ଗାଲେରୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ମନ୍ମନ୍ଦ ପତି, ଗୁରୁଜୀ ନାରାୟଣ ପତି, ସମ୍ପାଦକ ରବିନାରାୟଣ ପାତ୍ର, ସରପଞ୍ଚ ସୁମିତ୍ରା ଗୌଡ଼, ସମିତିସଭ୍ୟ ମାମାଜିନି ଗୌଡ଼, ସଭାପତି ଗୟାଚାନ୍ଦ ଗୌଡ଼ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବସନ୍ତ କୁମାର ବାଗ ଧନ୍ୟବାଦ ଦେଇଥିଲେ।

# ଛତ୍ରପୁର ବ୍ଲକରେ ୨ ଧାନମଣ୍ଡି ଖୋଲିଲା



ଧାନମଣ୍ଡି ଉଦ୍‌ଘାଟନ ଅବସରରେ ଅତିଥି ଓ ଅନ୍ୟମାନେ।

ଛତ୍ରପୁର,୬।୧(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ଛତ୍ରପୁର ବ୍ଲକର ୨ଟି ସ୍ଥାନରେ ସୋମବାର ଧାନମଣ୍ଡି ଖୋଲିଛି। ଗତ ୩ ତାରିଖରେ ଜିଲାରେ ଧାନମଣ୍ଡି ଶୁଭାରମ୍ଭ ହୋଇଥିବା ବେଳେ ଛତ୍ରପୁର ବ୍ଲକରେ ରବିବାର ସୁଦ୍ଧା ଗୋଟିଏ ମଧ୍ୟ ମଣ୍ଡି ଖୋଲି ନ ଥିଲା। ସୋମବାର ଭିକାରିପେଲି ପଞ୍ଚାୟତ ସାମନ୍ତରାପୁର ଓ ବଡ଼ମାଧପୁର ପଞ୍ଚାୟତର ଗୋବାଠାରେ ଧାନମଣ୍ଡି ଖୋଲିଥିଲା। ପର୍ଯ୍ୟାୟକ୍ରମେ ବ୍ଲକର ଅନ୍ୟ ସ୍ଥାନରେ ମଣ୍ଡି ଖୋଲିବ ବୋଲି କୁହାଯାଇଛି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମଣ୍ଡି ଉଦ୍‌ଘାଟନ କରି କହିଥିଲେ ଯେ, ମୋହନ ସରକାର ଚାଷୀଙ୍କ ହିତ ନିମନ୍ତେ ସବୁବେଳେ ରହିଛନ୍ତି। ଚଳିତବର୍ଷ ଧାନ କୁଇଣ୍ଟାଲ ପିଛା ୨୩୦୦ଟଙ୍କା ଏବଂ ସହାୟତା ରାଶି ୮୦୦ଟଙ୍କା ପ୍ରଦାନ ଧାର୍ଯ୍ୟ ହୋଇଛି। ଅଦିନିଆ ବର୍ଷା ଯୋଗୁ ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମିଲର ଚାଷୀଙ୍କ ସହ ଉତ୍ତମ ସମନ୍ୱୟ ରଖି ଧାନ ନେବାକୁ ବିଧାୟକ ପରାମର୍ଶ ଦେଇଥିଲେ। ସାମନ୍ତରାପୁରରେ ତାରାତାରିଣୀ ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ଗୋବାଠାରେ ପ୍ରାଥମିକ କୃଷି ସେବା ସମବାୟ ସମିତି ଧାନ କିଣା ଦାୟିତ୍ୱ ନେଇଛି। ବ୍ଲକ ଉପାଧ୍ୟକ୍ଷା ଏସ. ଶାରଦା ରେଡ୍ଡୀ, ବଡ଼ମାଧପୁର ସରପଞ୍ଚ ଅର୍ଚ୍ଚନା ସେଠୀ ଉପସ୍ଥିତ ଥିଲେ।

# ବିକାଶକୁ ଗୁରୁତ୍ୱ ଦେଉନି ଏନଏସି

## ଡ୍ରେନ ମରାମତି ହେଉନି, ଘରେ ପଶୁଛି ପାଣି

- ଡାକ୍ତରଖାନାରେ ବିଶେଷଜ୍ଞ,କଲେଜରେ ନାହାନ୍ତି ଅଧ୍ୟକ୍ଷ
- ଗ୍ରାମାଞ୍ଚଳକୁ ଏଯାଏ ନାହିଁ ପକ୍କା ସଡକ
- ଜୀଉଁଛନ୍ତି ଅଭିଶପ୍ତ ଜୀବନ

ଜି.ଉଦୟଗିରି,୬।୧(ଚିନ୍ମୟ କୁମାର ସେଠୀ)



ଏନଏସି ଅଞ୍ଚଳରେ ଗଦା ହୋଇଥିବା କୁଢ଼ କୁଢ଼ ଅଳିଆ ଆବର୍ଜନା

କନ୍ଧମାଳ ଜିଲାର ଜି.ଉଦୟଗିରି ଏନଏସି ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟ ଠପ୍ ହୋଇପଡିଛି। ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ଲୋକେ ବିକାଶର ସୁଫଳ ପାଇନାହାନ୍ତି। ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ପାନୀୟ ଜଳ ଯୋଗାଣରେ ଏହି ଏନଏସି ଲୋକଙ୍କ ଆବଶ୍ୟକତା ଏଯାଏ ପୂରଣ କରିପାରି ନ ଥିବା ଅଭିଯୋଗ ହେଉଛି। ରାଜ୍ୟର ସମସ୍ତ ବ୍ଲକ ଓ ଏନ୍‌ଏସି ଜନସାଧାରଣଙ୍କ ଆବଶ୍ୟକତା ପୂରଣ ନେଇ ଗୁରୁତ୍ୱ ଦେଉଥିବା ବେଳେ ଏଠାରେ ତାହା ଦେଖିବାକୁ ମିଳୁନି। ୪୦ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଏହି ସହରରେ ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତର ନାହାଁନ୍ତି। ୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଥିବା କଲେଜରେ ଅଧ୍ୟକ୍ଷ ନାହାଁନ୍ତି, ବହୁ ପୁରାତନ ବିଦ୍ୟାଳୟରେ ମଧ୍ୟ ପ୍ରଧାନ ଶିକ୍ଷକ ନାହାଁନ୍ତି। କେବଳ କଲେଜ କି ଡାକ୍ତରଖାନାରେ ଏହି ଅଭାବ ସୀମିତ ହୋଇନାହିଁ। ଅତିରିକ୍ତ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମଧ୍ୟ କର୍ମଚାରୀ ନାହାଁନ୍ତି।

ବ୍ଲକ ଅନ୍ତର୍ଗତ ସବୁ ଗ୍ରାମାଞ୍ଚଳର ସଡ଼କ ଅବସ୍ଥା ଶୋଚନୀୟ ହୋଇପଡିଲାଣି। ଏନଏସି ଅଞ୍ଚଳରେ ଏମିତି ଗ୍ରାମ ଅଛି ଯେଉଁଠିକୁ ପକ୍କା ସଡ଼କ ଏଯାଏ ଯାଇନାହିଁ। ଫଳରେ ଲୋକେ ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ୪୫ ବର୍ଷର ଏନ୍‌ଏସିର ମୁଖ୍ୟ ସଡ଼କ ଅବସ୍ଥା ଅତି ଖରାପ ହୋଇପଡିଛି । ଯୋଜନାରେ ବାଇପାସ୍ ସଡ଼କ ରହିଥିବା ବେଳେ ପାନୀୟ ଜଳ, ଡ୍ରେନ୍ ମରାମତିକୁ ଏନଏସି ଗୁରୁତ୍ୱ ଦେଉନାହିଁ। ଫଳରେ ବର୍ଷା ହେଲେ ଡ୍ରେନ ପାଣି ଲୋକଙ୍କ ଘରେ ପଶୁଛି। ସହରରେ ଥିବା ସାଲୁଙ୍କି ନାଳ ଓ ପୋଖରୀ ପାଣିକୁ ବ୍ୟବହାର ଉପଯୋଗୀ କରାଯାଉନାହିଁ। ପର୍ଯ୍ୟଟନସ୍ଥଳୀଗୁଡ଼ିକର ଭିତ୍ତିଭୂମି ଦୁର୍ବଳ ଥିବାରୁ ଏଠାକୁ ଆଶା ମୁତାବକ ପର୍ଯ୍ୟଟକଙ୍କ ଆଗମନ ହେଉନାହିଁ। ଦୀର୍ଘ ବର୍ଷ ମଧ୍ୟରେ କେତେ ସରକାରୀ ଅଧିକାରୀ, କର୍ମଚାରୀ ଜନ ପ୍ରତିନିଧି ଗଲେଣି ମାତ୍ର ଉକ୍ତ ଅଞ୍ଚଳର ବିକାଶ ହୋଇପାରୁନାହିଁ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

